



### ସକାଳୁ ସକାଳୁ ମଦ କିଣାରୁ ମହାଭାରତ

# କଟା ପାପୁଲି ଓ ଖଣ୍ଡା ଜବତ; ବାପପୁଅ ଗିରଫ

ଭୁବନେଶ୍ୱର, ୩୦।୪ (ସମିସ):

ସକାଳୁ ସକାଳୁ ମଦ କିଣିବା ମହଙ୍ଗା ପଡ଼ିଛି। ସାମାନ୍ୟ ବଚସାରୁ ଯୁବକଙ୍କୁ ହାତ ହାଣି ଦେଇଛନ୍ତି ଦୋକାନୀ। ଗଙ୍ଗୁଆ କେନାଲ ରୋଡ୍‌ରେ ଏଭଳି ଘଟଣା ଘଟିଥିବା

**ସାମାନ୍ୟ ବଚସାରୁ ହାତ ହାଣିଦେଇଥିଲେ ଦୋକାନୀ**

ବେଳେ ଦୋକାନୀ ବାପପୁଅଙ୍କୁ ଗିରଫ କରିଛି ଶ୍ରୀ ଲିଙ୍ଗରାଜ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି କପିଳେଶ୍ୱରର ସନ୍ତୋଷ କୁମାର ମାଳିଆ (୫୮) ଓ ତାଙ୍କ ପୁଅ ରାକେଶ କୁମାର ମାଳିଆ ଓରଫ୍ କାହ୍ନା (୩୧)।

ପୁଲିସ ସୂଚନାନୁସାରେ, ସନ୍ତୋଷ ଓ ରାକେଶ ଗଙ୍ଗୁଆ କେନାଲ ବନ୍ଧରେ ପାନ ଦୋକାନ କରିଥିବା ବେଳେ ସେଠାରେ ବେଆଇନ ଭାବେ ମଦ ବିକ୍ରି କରୁଥିଲେ। ଗୁରୁବାର ସକାଳ ପ୍ରାୟ ୭ଟା ସମୟରେ ରାଜେଶ ସାହୁ, ସୁରେଶ ସାହୁ ଓ ତାଙ୍କର ଜଣେ ସାଙ୍ଗ ସେହି ଦୋକାନକୁ ଆସି ମଦ କିଣିବାକୁ ଆସିଥିଲେ। ସୁରେଶ ଜୋତା ପିନ୍ଧି ଦୋକାନ ଭିତରକୁ ପଶିଯିବାରୁ ଦୋକାନୀ ସନ୍ତୋଷ ତାଙ୍କୁ ଗାଳି ଦେବା ସହ ମଦ



ଦେବାକୁ ମନା କରିଥିଲେ। ଏଥିସହିତ ତାଙ୍କୁ ଧକ୍କା ଦେଇ ଦୋକାନରୁ ଚାଲିଯିବାକୁ କହିଥିଲେ। ସୁରେଶ ଏହାପରେ ବିଭୁପ୍ରସାଦ ସାହୁ ଓରଫ୍ ଚଇତାଙ୍କୁ ଫୋନ କରି ଘଟଣା ବିଷୟରେ ଜଣାଇଥିଲେ। କିଛି ସମୟ ମଧ୍ୟରେ ଚଇତା ଓ ଦୀପକ ସାହୁ ଏକ ବାଇକରେ ସେଠାକୁ ଆସି ସନ୍ତୋଷଙ୍କୁ ଗାଳି ଦେବା ସହ ଦୋକାନକୁ ପଶି ଯାଇଥିଲା। ଚଇତା ରାସ୍ତାରୁ ଏକ କାଠ ଫାଳିଆ ଓ ଦୀପକ ମାର୍ବଲ ଖଣ୍ଡ ଧରି ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ।

ଏସବୁ ଦେଖି ସନ୍ତୋଷ ତାଙ୍କ ପୁଅ କାହ୍ନାକୁ ଡକାଇଥିଲେ। କାହ୍ନା ପହଞ୍ଚିବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ଝଗଡ଼ା ହୋଇଥିଲା। ସ୍ଥାନୀୟ ଲୋକମାନେ ହସ୍ତକ୍ଷେପ କରିଥିଲେ ମଧ୍ୟ ଉଭୟ ପକ୍ଷ ପରସ୍ପରକୁ ଗାଳି ଦେଇ ଜୀବନ ନେବାକୁ ଧମକ ଦେଇଥିଲେ। ସେହି ସମୟରେ କାହ୍ନା ଦୋକାନରୁ ଏକ ଖଣ୍ଡା ଚଇତାକୁ ଆକ୍ରମଣ କରିଥିଲେ। ଫଳରେ ବିଭୁ ଚଇତାର ଡାହାଣ ହାତର ପାପୁଲି କଟି ହାତରୁ ଅଲଗା ହୋଇ ଯାଇଥିଲା। ଏଥିସହିତ ସୁରେଶ ଓ ଦୀପକ ମଧ୍ୟ ଆହତ ହୋଇଥିଲେ। ଘଟଣା ପରେ ଆହତମାନେ ସେଠାରୁ ପଳାଇ ଯାଇଥିଲେ। କାହ୍ନା ଭୟଭୀତ ହୋଇ କଟା ପାପୁଲିକୁ ଦୋକାନ ପଛପଟେ ଥିବା କେନାଲରେ ଫିଙ୍ଗିବା ଦେଇଥିଲା। ଏଥିସହିତ ଖଣ୍ଡାକୁ ଦୋକାନ ପାଖରେ ଫିଙ୍ଗି ସେଠାରୁ ପଳାଇ ଯାଇଥିଲା।

ପରିବାର ସଦସ୍ୟମାନେ ଆହତମାନଙ୍କୁ ଡାକ୍ତରଖାନାକୁ ନେଇ ଭର୍ତ୍ତି କରିଥିଲେ। ଚଇତାଙ୍କ ମାଆ ସୁଲୋଚନା ସାହୁ ଏନେଇ ଶ୍ରୀ ଲିଙ୍ଗରାଜ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ରାକେଶ ଓ ତାଙ୍କ ବାପା ସନ୍ତୋଷଙ୍କୁ ଗିରଫ କରିବା ସହ ଖଣ୍ଡା ଜବତ କରିଥିଲା। ସେମାନଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ନିକଟସ୍ଥ କେନାଲରୁ କଟା ପାପୁଲି ମଧ୍ୟ ଉଦ୍ଧାର କରାଯାଇଥିଲା। ବାପପୁଅଙ୍କ ନାମରେ ପୂର୍ବରୁ ମଧ୍ୟ ଏୟାରଫିଲ୍ଡ ଓ ଶ୍ରୀ ଲିଙ୍ଗରାଜ ଥାନାରେ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## କାର୍ଗିଲ ବସ୍ତିରେ ବୁଲିଲା ଖଣ୍ଡା; ଦୁଇ ଗିରଫ



ଭୁବନେଶ୍ୱର, ୩୦।୪ (ସମିସ): କାର୍ଗିଲ ବସ୍ତିରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରୁଥିବା ଦୁଇ ଅସାମାଜିକଙ୍କୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ, ସ୍ଥାନୀୟ ମହାବୀର ସାହିର ସୁଜିତ ବେହେରା (୨୨) ଓ ତାରିଣୀ ସାହିର ଶୁଭମ୍ ବେହେରା (୧୯)। ପୁଲିସ ସୂଚନାନୁସାରେ, ଗତକାଲି କାର୍ଗିଲ ବସ୍ତିର ଅସାମାଜିକ ଯୁବକ ଖୋଲାଖୋଲି ଭାବରେ ଖଣ୍ଡା ବୁଲାଇ ଭିଡିଓ ତିଆରି କରୁଥିଲେ। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ଓ ଆତଙ୍କ ସୃଷ୍ଟି ହେଉଥିଲା। ଖବରପାଇ ଏୟାରପୋର୍ଟ ଥାନା ପୁଲିସ ବିବେକାନନ୍ଦ ଖେଳ ପଡ଼ିଆରେ ଚଡ଼ଉ କରିଥିଲା। ସେଠାରୁ ସୁଜିତ ଓ ଶୁଭମକୁ ଗିରଫ କରିଥିଲା। ତଲାସୀ ସମୟରେ ସେମାନଙ୍କ ନିକଟରୁ ଦୁଇଟି ଖଣ୍ଡା ଜବତ କରିଥିଲା। ଏନେଇ ଏୟାରପୋର୍ଟ ଥାନା ପୁଲିସ ଏକ ମାମଲା ରୁଜୁ କରି ଦୁହିଁଙ୍କୁ କୋର୍ଟ ଚାଲାଣ କରିଛି।

## ଦ୍ୱିତୀୟ ବିବାହ କରି ସ୍ୱାମୀ ଗିରଫ

ଭୁବନେଶ୍ୱର, ୩୦।୪ (ସମିସ): ଘରେ ସ୍ତ୍ରୀ ଓ ପିଲା ଥାଉଥାଉ ଦ୍ୱିତୀୟ ବିବାହ କରିବା ମହଙ୍ଗା ପଡ଼ିଛି। ଅଭିଯୋଗ ପାଇବା ପରେ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ୟୁନିଟ୍ ୬ ଅଞ୍ଚଳର ବଳରାମ ସାହୁ (୩୮)।

- ପଚାରିବାରୁ ପ୍ରଥମ ପତ୍ନୀଙ୍କୁ ହତ୍ୟା ଉଦ୍ୟମ
- ବାପାମାଆଙ୍କୁ ବି ଦେଉଥିଲା ନିର୍ଯାତନା



ପୁଲିସ ସୂଚନା ମୁତାବକ, ଗଙ୍ଗନଗରର ବଳରାମ କିଛିବର୍ଷ ପୂର୍ବେ ରାଜେଶ୍ୱରୀଙ୍କୁ ବିବାହ କରିଥିଲେ। ସେମାନଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ ମଧ୍ୟ ଅଛନ୍ତି। ଅନେକ ସମୟରେ ବଳରାମ ବିନା କୌଣସି କାରଣରେ ରାଜେଶ୍ୱରୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲା। ବାପାମାଆ ବିରୋଧରେ କରିବାରୁ ତାଙ୍କୁ ମଧ ଛାଡୁନଥିଲା। ଗତକାଲି ରାତିରେ ବଳରାମ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ରାଜେଶ୍ୱରୀଙ୍କୁ ମାଡ଼ ମାରିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲା। ଏଥିସହିତ ଘରୁ ବାହାରି ଯିବାକୁ ବାଧ କରିଥିଲା। ବାପାମାଆ ବିରୋଧରେ କରିବାରୁ ତାଙ୍କୁ ମଧ ମାଡ଼ ମାରିଥିଲା।

ବଳରାମ ଗତ ମଙ୍ଗଳବାର ଦିନ ଶିରିପୁର କନ୍ଧସାହିର ଜଣେ ଯୁବତୀଙ୍କୁ ୟୁନିଟ୍ ୮ ତାରିଣୀ ମନ୍ଦିରରେ ବିବାହ କରିଥିବା ରାଜେଶ୍ୱରୀ ଜାଣିବାକୁ ପାଇଥିଲେ। ଏ ସଂପର୍କରେ ପଚାରିବାରୁ ବଳରାମ ତାଙ୍କୁ ଛାଡ଼ପତ୍ର ଦେବାକୁ କହିଥିଲେ। ଏନେଇ ରାଜେଶ୍ୱରୀ ଏୟାରପୋର୍ଟ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଗୁରୁବାର ବଳରାମକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ■ ଭଗବାନପୁରରେ ରାଜନୈତିକ ହିଂସା

## ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ଚିରି ଦୁଇ ଗିରଫ

ଭୁବନେଶ୍ୱର, ୩୦।୪ (ସମିସ): ଭଗବାନପୁରରେ ପୁଣି ରାଜନୈତିକ ହିଂସା ଦେଖିବାକୁ ମିଳିଛି। ଦୁଇ ଜଣକ ଅସାମାଜିକ ଯୁବକ ମୁଖ୍ୟମନ୍ତ୍ରୀଙ୍କ ଫଟୋ



ଥିବା ପୋଷ୍ଟର ଚିରିବା ସହ ଆତଙ୍କ ସୃଷ୍ଟି କରିଛନ୍ତି। ଅଭିଯୋଗ ପାଇବା ପରେ ତମାଣ୍ଡୋ ଥାନା ପୁଲିସ ଦୁହିଁଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ସ୍ଥାନୀୟ ଅଞ୍ଚଳରେ ରହୁଥିବା ଇଟାମାଟି ଥାନା ବିରୁଡ଼ାର ଆଲୋକ ନାୟକ (୨୧) ଓ ଦଶପଲ୍ଲା ଥାନା ସିମିଳି ସାହିର ରାଜେଶ କୁମାର ପ୍ରଧାନ (୨୧)।

ପୁଲିସ ସୂଚନାନୁସାରେ, ଭଗବାନପୁରସ୍ଥିତ କାଫେ କାର୍ଟୁନ୍ ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ବିଜେପି ନେତାମାନଙ୍କ ଫଟୋ ଥିବା ପୋଷ୍ଟର ଲଗା ଯାଇଥିଲା। ବୁଧବାର ରାତି ୩ଟାରେ ବିଜେପି ସଦସ୍ୟ ରଶ୍ମିରଞ୍ଜନ ପଟ୍ଟନାୟକ ସେଠାରେ ଛିଡ଼ା ହୋଇଥିବା ବେଳେ ରାଜେଶ ଓ ଆଲୋକ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବିଜେପି ଦଳର ପୋଷ୍ଟର ଲଗାଯିବାକୁ ବିରୋଧ କରିଥିଲେ। କେବଳ ନିର୍ଦ୍ଦିଷ୍ଟ ପୋଷ୍ଟର ଗୁଡ଼ିକୁ ଅଞ୍ଚଳରେ ଲଗାଇବାକୁ ଦେବେ ବୋଲି ଧମକ ଦେବା ସହ ଭୟଙ୍କର ପରିଣାମର ଚେତାବନୀ ଦେଇଥିଲେ। ଏଥିସହିତ ଘଟଣାସ୍ଥଳରେ ଲଗାଯାଇଥିବା ବିଜେପି ପୋଷ୍ଟରଗୁଡ଼ିକୁ ଚିରି ନଷ୍ଟ କରିଥିଲେ। ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟ ଓ ଅଶାନ୍ତିର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ରଶ୍ମିରଞ୍ଜନ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଲୋକ ନାୟକ ଓ ରାଜେଶକୁ ଗିରଫ କରିବା ସହ ୩ଟି ମୋବାଇଲ୍ ଫୋନ୍ ଜବତ କରିଛି। ଅଭିଯୁକ୍ତମାନେ ଉଦ୍ଦେଶ୍ୟମୂଳକ ଭାବରେ ବିଶୃଙ୍ଖଳା ସୃଷ୍ଟି କରି ରଶ୍ମିରଞ୍ଜନଙ୍କୁ ଦୁର୍ବ୍ୟବହାର କରିବା ସହ ପୋଷ୍ଟରଗୁଡ଼ିକୁ ନଷ୍ଟ କରିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ଘଟଣାସ୍ଥଳରୁ ଚିରା ପୋଷ୍ଟର ମଧ୍ୟ ଜବତ ହୋଇଛି। ରାଜେଶ ନାମରେ ପୂର୍ବରୁ ମଧ୍ୟ ଖଣ୍ଡଗିରି ଥାନାରେ ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

### ସଞ୍ଜରେ ଭିଜାଇଲା

# କାଳବୈଶାଖୀ





ଭୁବନେଶ୍ୱର,୩୦।୪(ସମିସ): ଗତ କିଛିଦିନ ତଳେ ରାଜଧାନୀରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଥିବା ବେଳେ ୩ ଦିନ ଧରି ତାହା ଧୀରେ ଧୀରେ ହ୍ରାସ ପାଇଥିଲା। ଏପରିସ୍ଥଳେ ଗୁରୁବାର ଭୁବନେଶ୍ୱରରେ ଅପରାହ୍ଣରେ ଅଚାନକ କାଳବୈଶାଖୀ ବର୍ଷା ଅନୁଭୂତ ହୋଇଥିଲା। ଝଡ଼ିବର୍ଷା ସହ ବିଜୁଳି ଘଡ଼ଘଡ଼ି ଏବଂ ବର୍ଷା ମାଡ଼ି ଆସିଥିଲା। ସହରର ବିଭିନ୍ନ ଅଞ୍ଚଳରେ ଗଛ ଭାଙ୍ଗି ଯାଇଥିବା ବେଳେ ବିଭିନ୍ନ ହୋର୍ଡିଂ ଭାଙ୍ଗି ଯାଇଥିଲା। ସେହିଭଳି ବର୍ଷା ଯୋଗୁଁ ପ୍ରାୟ ଅଧଘଣ୍ଟା କାଳ ରାଜଧାନୀରେ ଯାନବାହାନ ଚଳାଚଳ ଠପ୍ ହୋଇଯାଇଥିଲା। ଅଫିସ ଫେରିବା ସମୟ ହୋଇଥିବାରୁ ସହର ମଧ୍ୟରେ ଦେଇ ଫେରୁଥିବା ଲୋକେ ରାସ୍ତା ଘାଟରେ ଜାମ ହୋଇଯାଇଥିଲେ। ବିଶେଷକରି ରାଜଧାନୀ ଭିତରେ ଥିବା ବିଭିନ୍ନ ଫ୍ଲାଏଓଭର ତଳେ ଲୋକେ ଦୀର୍ଘ ସମୟ ଧରି ଅଟକି ରହିଥିବାରୁ ସହରରେ ଯାନବାହାନ ଚଳାଚଳ ଏକ ପ୍ରକାର ବନ୍ଦ ହୋଇଯାଇଥିଲା। ସେହିଭଳି ବର୍ଷା ଯୋଗୁଁ ରାଜଧାନୀ ଏବଂ ଏହାର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ ସଂଯୋଗ କଟି ଯାଇଥିଲା। ଅନେକ ଅଞ୍ଚଳ ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନ୍ଧାର ରହିଥିଲା। ସେହିଭଳି ବର୍ଷା ଯୋଗୁଁ ରାସ୍ତାଘାଟରେ ପାଣି ଜମି ରହିଥିଲା। ବିଶେଷକରି ତଳିଆ ଅଞ୍ଚଳ ଏବଂ ବସ୍ତିଗୁଡ଼ିକରେ ପାଣି ଜମି ରହିଥିଲା।

## ଚୋରି ମୋବାଇଲ୍ ୟୁପିଆଇରୁ ବେଆଇନ ଟଙ୍କା ଉଠାଣ; ୨ ଗିରଫ

ଭୁବନେଶ୍ୱର,୩୦।୪(ସମିସ): ମୋବାଇଲ ଫୋନ୍ ଚୋରି କରିବା ସହ ୟୁପିଆଇ ଆକାଉଣ୍ଟରୁ ବେଆଇନ୍ ଟଙ୍କା ଟ୍ରାନ୍ସଫର କରିବା ଅଭିଯୋଗରେ ସହିଦ ନଗର ଥାନା ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଜଗଦିଶ ଦାସ ଏବଂ ଚିନ୍ତାମଣୀ ବେହେରା। ସେମାନଙ୍କ ଠାରୁ ୩୫ ହଜାର ଟଙ୍କା ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୨୮ ତାରିଖ ସନ୍ଧ୍ୟା ସମୟରେ, ଅଭିଯୋଗକାରୀ ମହର୍ଷି କଲେଜ ରୋଡ୍ ନିକଟରେ ମୋବାଇଲ୍ ଫୋନ୍‌ରେ କଥାବାର୍ତ୍ତା ହେଉଥିବାବେଳେ ହଠାତ୍ ତିନି ଜଣ ଅଜଣା ବ୍ୟକ୍ତି ତାଙ୍କ ପାଖକୁ ଆସି ତାଙ୍କୁ ବଳପୂର୍ବକ ତାଙ୍କ ମୋବାଇଲ୍ ଫୋନ୍ ଛଡାଇନେଇଥିଲେ। ପରେ ଅଭିଯୁକ୍ତମାନେ ତାଙ୍କୁ ଧମକ ଦେଇ ମୋବାଇଲ୍ ଡିଭାଇସ୍‌ଟି ଅନଲକ୍ କରିବାକୁ ବାଧ କରିଥିଲେ। ପରିସ୍ଥିତିର ସୁଯୋଗ ନେଇ, ସେମାନେ ଅଭିଯୋଗକାରୀଙ୍କ ସମ୍ମତି ବିନା ତାଙ୍କ ଆକାଉଣ୍ଟରୁ ବହୁ ୟୁପିଆଇ କାରବାର ମାଧ୍ୟମରେ ମୋଟ ୪୬,୨୦୦ ଟଙ୍କା ଟ୍ରାନ୍ସଫର କରିଥିଲେ। ଘଟଣା ପରେ ଅଭିଯୁକ୍ତମାନେ ସେଠାରୁ ପଳାଇଯାଇଥିଲେ। ଅଭିଯୋଗକାରୀଙ୍କୁ ଅସହାୟ ଅବସ୍ଥାରେ ଛାଡି ଯାଇଥିଲେ। ଅଭିଯୋଗକାରୀ ତାଙ୍କ କାର୍ଯ୍ୟସ୍ଥଳକୁ ଫେରି ଆସି ସହକର୍ମୀମାନଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପରେ ସେମାନେ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିଲେ। କିନ୍ତୁ କାହାକୁ ମଧ ଚିହ୍ନଟ କରିପାରିନଥିଲେ। ପରେ ଅଭିଯୋଗକାରୀ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନାରେ ରିପୋର୍ଟ ଦାଖଲ କରିଥିଲେ। ତଦନ୍ତ ସମୟରେ ବୈଷୟିକ ଯାଞ୍ଚରୁ ଜଣାପଡ଼ିଥିଲା ଯେ ଚୋରି ହୋଇଥିବା ଟଙ୍କା ମଧ୍ୟରୁ ୩୫,୦୦୦/- ଟଙ୍କା ଶାନ୍ତିପଲ୍ଲି ବସ୍ତିର ଚିନ୍ତାମଣି ବେହେରାଙ୍କ ଏକାଉନ୍ଟକୁ ଟ୍ରାନ୍ସଫର ହୋଇଥିଲା। ଏହି ସୂଚନା ଆଧାରରେ ଚଢାଉ କରି ଦୁଇ ଜଣଙ୍କୁ ଗିରଫ କରାଯାଇଥିଲା।

### ଉଚ୍ଛେଦରେ ରେଳୱେର ପାତରଅନ୍ତର ନୀତି

# ଗରିବଙ୍କୁ ମାଡ଼; ବଡ଼ବଡ଼ିଆଙ୍କୁ ଛାଡ଼

ଭୁବନେଶ୍ୱର,୩୦।୪(ସମିସ):

ରେଳୱେ ୱାର୍କସ୍ ଡିପାର୍ଟମେଣ୍ଟ ପକ୍ଷରୁ ଗୁରୁବାର ମଞ୍ଚେଶ୍ୱର ରେଳଷ୍ଟେସନ ନିକଟରେ ରେଳ ବିଭାଗର ଜମି ଉପରେ ଥିବା ଜବରଦଖଲକୁ ଉଚ୍ଛେଦ କରାଯାଇଥିଲା। ମଞ୍ଚେଶ୍ୱର ରେଳ ଷ୍ଟେସନ ନିକଟରେ ବାରିଷ୍ଠ ରେଳ କର୍ମଚାରୀମାନେ ବହୁ ସଂଖ୍ୟାରେ ପୁଲିସ ବଳକୁ ଧରି ଉଚ୍ଛେଦ ପାଇଁ ଆଗେଇ ଆସିଥିଲେ। ଆଉ ବହୁ ସଂଖ୍ୟାରେ ଘର ବି ଭାଙ୍ଗି ଚାଲିଗଲେ। ହେଲେ ଏହି ଉଚ୍ଛେଦ ବେଳେ ରେଳ ବିଭାଗ ବିଚିତ୍ର ନୀତି ସାମ୍ନାକୁ ଆସିଛି। ଗରିବଙ୍କୁ ମାଡ଼ ବଡ଼ବଡ଼ିଆଙ୍କୁ ଛାଡ଼ ନୀତି ଆପଣାଇଥିଲା ରେଳ ବିଭାଗ। ବହୁ ସଂଖ୍ୟକ ଗରିବ ଲୋକଙ୍କ ଝୁପୁଡ଼ି, ଆଜ୍‌ବେଷ୍ଟସ୍ ଘରକୁ ମାଟିରେ ମିଶା ଯାଇଥିଲା ବେଳେ ଏହା ନିକଟରେ



ଥିବା କିଛି ହାତଗଣତି ବଡ଼ବଡ଼ିଆଙ୍କ ଜବରଦଖଲକୁ ଚାହିଁ ଯାଇ ନଥିଲେ। ରେଳ ବିଭାଗର ଏଭଳି ପାତରଅନ୍ତର ନୀତିକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଘଟଣା ଅନୁଯାୟୀ ମଞ୍ଚେଶ୍ୱର ରେଳୱେ ଷ୍ଟେସନ୍ ଦକ୍ଷିଣ କ୍ୟାବିନ୍ ରେଳଧାରଣା କଡ଼ରେ ରେଳବାଇ ଜମି ଜବରଦଖଲ ହୋଇଛି। ଏଠାରେ ଏକ ଛୋଟ ବସ୍ତି ଥିଲା ବେଳେ କିଛି ବକ୍ତି ଅଟାଳିକା ଓ କକ୍ରିଟ୍ ବ୍ରିଜ୍ ଓ କୋଠା ଘର ନିର୍ମାଣ ଏବଂ ଏପରିକି ରେଳ ବିଭାଗ ଜମିରେ ଘରୋଇ ସ୍କୁଲ ଏଠାରେ ଖେଳ ପଡ଼ିଆ ବି ବନାଇ ଦେଇଛି। ଜବରଦଖଲ ଉଚ୍ଛେଦପାଇଁ ରେଳୱେ ୱାର୍କସ୍ ବିଭାଗର ଯନ୍ତ୍ରୀ ଅଧିକାରୀ ଆସିଥିଲେ। ହେଲେ ଏହି ଟିମ୍ କେବଳ ଗରିବ ଲୋକଙ୍କ ଝୁମ୍ପୁଡ଼ି ଘରକୁ ଭାଙ୍ଗିଛି ବୋଲି ଅଭିଯୋଗ ହୋଇଛି। ଶହ ଶହ ଏକରକୁ ଜବରଦଖଲକରି ରହୁଥିବା ବଡ଼ ବଡ଼ିଆଙ୍କୁ କିଛି କହି ନଥିଲେ। ଏଭଳି ପାତର ଅନ୍ତର ଉଚ୍ଛେଦକୁ ନେଇ ଉଚ୍ଛେଦକାରୀ ଓ ବସ୍ତିବାସିନ୍ଦାମାନଙ୍କ ମଧ୍ୟରେ ବଚସା ହୋଇଥିଲା। ରେଳୱେ ପକ୍ଷରୁ ଜିଆରପି ଏବଂ ଆରପିଏଫ୍ ଯବାନମାନେ ଘଟଣାସ୍ଥଳରେ ମୁତୟନ ହୋଇଥିବାରୁ ଆଇନ୍ ଶୃଙ୍ଖଳା ରକ୍ଷାହୋଇଥିଲା। ଉତ୍ତେକ୍ତ ଲୋକଙ୍କୁ ବୁଝାବୁଝିକରାଯାଇ ଉକ୍ତ ଅଞ୍ଚଳର କେବଳ ଝୁମ୍ପୁଡ଼ି ଘରକୁ ଭଙ୍ଗା ଯାଇଛି।

ଭିଏସଏସ୍ ନଗର ରେଳ ଫାଟକ ଠାରୁ ମଞ୍ଚେଶ୍ୱର ରେଳୱେ ଷ୍ଟେସନ୍ ପର୍ଯ୍ୟନ୍ତ ରେଳଧାରଣା କଡ଼ରେ ଅନେକ ଲୋକ ରେଳୱେ ଜମିରେ ରାସ୍ତା, କାନ୍ଥ ଓ ବ୍ରିଜ୍ ସହିତ ଘରୋଇ ସ୍କୁଲ, କାର୍ଯ୍ୟାଳୟ ଏବଂ ବଡ଼ କୋଠା ଘର କରିଛନ୍ତି। ସେମାନଙ୍କ ନିକଟରେ କୋର୍ଟର କୌଣସି ଷ୍ଟେ ନୋଟିସ୍ ନଥିବା ବେଳେ ରେଳବାଇ ବରିଷ୍ଠ ଅଧୀକାରିଙ୍କୁ ହାତକରି ବର୍ଷବର୍ଷ ଧରି ଜମି ଜବରଦଖଲ କରିଛନ୍ତି। ଜବରଦଖଲନେଇ ଅଭିଯୋଗ ହେବାରୁ ଆଜି ଦେଖାଣିଆ ଭାବେ ବଡ଼ ବଡ଼ିଆଙ୍କୁ ବାଦଦେଇ ଗରିବ ଗୁରୁବାଙ୍କ ବହୁ ଝୁମ୍ପୁଡ଼ି ଭାଙ୍ଗି ରେଳବାଇ ଅଧିକାରୀ କାଗଜପତ୍ରରେ ଉଚ୍ଛେଦ ହେଲା ବୋଲି ଦର୍ଶାଇଛି। ଯାହାକୁ ନେଇ ଜନ ଅସନ୍ତୋଷ ଦେଖାଯାଇଥିଲା।

## ଡ. ଅଶ୍ୱିନୀ ପଣ୍ଡାଙ୍କୁ 'ବାସ୍ତୁ ସମ୍ରାଟ'



ଭୁବନେଶ୍ୱର, ୩୦।୪(ସମିସ): ଜ୍ୟୋତିଷ ଓ ବାସ୍ତୁ କ୍ଷେତ୍ରରେ ଅବଦାନ ପାଇଁ ଡ. ଅଶ୍ୱିନୀ କୁମାର ପଣ୍ଡାଙ୍କୁ 'ବାସ୍ତୁ ସମ୍ରାଟ' ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ସମ୍ମାନ ଇଣ୍ଡିଆନ୍ ବାସ୍ତୁ ଏକାଡ଼େମୀ ପକ୍ଷରୁ ଆୟୋଜିତ ୧୯ତମ ଇଣ୍ଟରନ୍ୟାସନାଲ କନ୍ଫରେନ୍ସରେ ଜୟଦେବ ଭବନରେ ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଜ୍ୟୋତିଷ ଅଚାର୍ଯ୍ୟ ଅନିଲ୍ ଭଟ୍ଟ ପ୍ରମୁଖ ଯୋଗ ଦେଇ ଡ. ପଣ୍ଡାଙ୍କୁ ଏହି ସମ୍ମାନ କରିଥିଲେ। ଡ. ପଣ୍ଡା ଦୀର୍ଘଦିନ ଧରି ଜ୍ୟୋତିଷ ଓ ବାସ୍ତୁ ସେବା ଦେଇ ଲୋକମାନଙ୍କୁ ସହାୟତା କରୁଛନ୍ତି। ଆଗକୁ ଆହୁରି ଭଲ ସେବା ଲୋକମାନଙ୍କୁ ଯୋଗାଇ ଦେବେ ବୋଲି ସେ କହିଛନ୍ତି।




# ସ୍ୱତନ୍ତ୍ର ଅଧିବେଶନରେ ମହିଳା ସଂରକ୍ଷଣ ଆଲୋଚନା

## ୩୩ ପ୍ରତିଶତ ସଂରକ୍ଷଣ ମହିଳାଙ୍କ ଅଧିକାର: ଶାସକ

ଭୁବନେଶ୍ୱର,୩୦।୪(ସମିସ): ସଂସଦ ଏବଂ ବିଧାନସଭାରେ ୩୩ ପ୍ରତିଶତ ସଂରକ୍ଷଣ ଯାହାର ଦାନ ନୁହେଁ, ଏହା ମହିଳା ମାନଙ୍କର ଅଧିକାର। ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରମ୍ବାର ସ୍ପଷ୍ଟୋକ୍ତି ପ୍ରକାଶ କରି ଆସୁଛନ୍ତି। ଆମେ ଅମୃତକାଳର ନାରୀଶକ୍ତି। ବିକଶିତ ଭାରତ, ବିକଶିତ ଓଡ଼ିଶା ଗଠନ କ୍ଷେତ୍ରରେ ଭୂମିକା ନିର୍ବାହ ପାଇଁ ଆଜିର ନାରୀଶକ୍ତି ସମ୍ପୂର୍ଣ୍ଣ ପ୍ରସ୍ତୁତ। ମହିଳାଙ୍କୁ ସେମାନଙ୍କ ହକ୍‌ରୁ କେହି ବଞ୍ଚିତ ରଖିପାରିବେ ନାହିଁ ବୋଲି ଶାସକ ଦଳର ସଦସ୍ୟ ତଥା ମନ୍ତ୍ରୀମାନେ ପ୍ରସ୍ତାବ ଆଲୋଚନାରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଆଲୋଚନାରେ ଭାଗ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ଯେ ମହିଳାଙ୍କୁ ପଞ୍ଚାୟତରାଜ ବ୍ୟବସ୍ଥାରେ ୩୩ ପ୍ରତିଶତ ସଂରକ୍ଷଣ ଦେଇଥିବାରୁ ବିଜୁ ବାବୁଙ୍କ ପ୍ରତି ଆମର ସମ୍ମାନ ରହିଛି। ମାତ୍ର ଗତ ୨୫ ବର୍ଷ ଶାସନରେ ମହିଳାଙ୍କ ପ୍ରତି ଅନ୍ୟାୟ ହୋଇଛି। କଂଗ୍ରେସ ୪୦ ବର୍ଷ ଧରି ରାଜ୍ୟରେ ଶାସନରେ ଥିଲେ। ହେଲେ ମହିଳାଙ୍କ ପାଇଁ କିଛି କଲେ ନାହିଁ। ବର୍ତ୍ତମାନ ସେମାନେ ମହିଳା ସଶକ୍ତିକରଣକୁ ବିରୋଧ କରୁଛନ୍ତି। କଂଗ୍ରେସ କେବଳ ଗାନ୍ଧୀ ପରିବାରର ମହିଳା ଆଗକୁ ଯାଉ ସେହି ଚିନ୍ତା କରୁଛନ୍ତି। ମହିଳାଙ୍କ ଅଂଶଗ୍ରହଣ ବିନା ଦେଶର ପ୍ରଗତି ସମ୍ଭବ ନୁହେଁ। ଶିକ୍ଷା, ଅର୍ଥନୀତି, ରାଜନୀତିରେ ମହିଳାଙ୍କ ଅଂଶଗ୍ରହଣ ଏକାନ୍ତ ଜରୁରୀ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମତବ୍ୟକ୍ତ କରିଥିଲେ। ଆଲୋଚନାରେ ଅଂଶଗ୍ରହଣ

**‘ମହିଳାଙ୍କୁ ସେମାନଙ୍କ ହକ୍‌ରୁ କେହି ବଞ୍ଚିତ ରଖିପାରିବେ ନାହିଁ’**

କରି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ସଂସଦରେ ବିରୋଧୀ ଏକ ପ୍ରହେଳିକା ସୃଷ୍ଟି କଲେ ଯେ ସଂସଦରେ ସୀମା ପୁନଃନିର୍ଦ୍ଧାରଣ ବିଲ ପାରିତ ହୋଇଥିଲେ ଓଡ଼ିଶାର ହକ୍ କ୍ଷତିଗ୍ରସ୍ତ ହୋଇଥାନ୍ତା। ଲୋକସଭା ଆସନରେ ଓଡ଼ିଶାର ଭାଗ ୩.୯ରୁ ୩.୪ ଭାଗକୁ ହ୍ରାସ ପାଇଥାନ୍ତା; ମାତ୍ର ଏଥିରେ ସତ୍ୟତା ନାହିଁ। ପ୍ରକୃତରେ ଓଡ଼ିଶାର ଆସନ ୨୧ରୁ ୩୨ କୁ ବୃଦ୍ଧି ପାଇବା ସହ ସେହି ହାରରେ ଅନୁପାତ ୩.୮୭ରୁ ୩.୯୧କୁ ବୃଦ୍ଧି ପାଇଥାନ୍ତା। ମାତ୍ର ବିରୋଧୀ ଜାଣିଶୁଣି ମହିଳା ସଂରକ୍ଷଣ ବିଲ ପାରିତ ହେବାକୁ ଦେଲାନାହିଁ। ଯାହାକୁ ନେଇ ରାଜ୍ୟସାରା ଜନ ଆକ୍ରୋଶ ଦେଖା ଦେଇଛି ବୋଲି ସେ କହିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ବିଜେପି ବିଧାୟକ ବାବୁ ସିଂ, ଟଙ୍କଧର ତ୍ରିପାଠୀ, ଉପାସନା ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ମହିଳାଙ୍କ ସହ ଛଳନା କରିଛନ୍ତି ସରକାର: ବିରୋଧୀ

ଭୁବନେଶ୍ୱର,୩୦।୪(ସମିସ): ବିରୋଧୀ ଦଳ ୨୦୨୩ ମସିହାରେ ମହିଳା ସଂରକ୍ଷଣ ବିଧେୟକକୁ ପୂର୍ଣ୍ଣ ସମର୍ଥନ ଦେଇଥିଲେ, ଏବେ ଦେଉଛୁ, ଭବିଷ୍ୟତରେ ମଧ୍ୟ ଦେବୁ। ମାତ୍ର ଯେଉଁମାନେ ମହିଳାଙ୍କ ସହ ଛଳନା କରୁଛନ୍ତି, ସେମାନଙ୍କୁ ଆମେ ରାବଣ କହିବୁ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ‘ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ’ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ସରକାରଙ୍କ ଉପରେ କିଛି ଏମିତି ବର୍ଷିଛନ୍ତି ବିରୋଧୀ। ଏହାସହ କେନ୍ଦ୍ର ସରକାରଙ୍କର ଦମ୍ ଥିଲେ ବର୍ତ୍ତମାନର ୫୪୩ ଲୋକସଭା ଏବଂ ଓଡ଼ିଶାର ୧୪୭ ବିଧାନସଭା ଆସନରେ ୩୩ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରି ଦେଖାଅ ବୋଲି ବିରୋଧୀ ଦଳ ସରକାରଙ୍କୁ ଆହ୍ୱାନ ଦେଇଛନ୍ତି।

**‘ଦମ୍ ଥିଲେ ୫୪୩ ଆସନରେ ସଂରକ୍ଷଣ କାର୍ଯ୍ୟକାରୀ କରି ଦେଖାଅ’**

ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ ଯେ ୨୦୨୩ ମସିହାରେ ସରକାରୀ-ବିରୋଧୀ ସମସ୍ତେ ମିଳିତ ଭାବେ ମହିଳା ସଂରକ୍ଷଣ ବିଲ୍ ପାରିତ କରିଥିଲେ। ମାତ୍ର ଆଜି ପର୍ଯ୍ୟନ୍ତ ବିଲ୍ ଲାଗୁ ହେଲା ନାହିଁ। କଂଗ୍ରେସ ସବୁବେଳେ ମହିଳାଙ୍କ ସଶକ୍ତିକରଣକୁ ସମର୍ଥନ କରିଆସିଛି। ଯଦି ଦମ୍ ଅଛି, ତାହେଲେ ୫୪୩ ଆସନରେ ମହିଳା ସଂରକ୍ଷଣ ଲାଗୁ କରି ଦେଖାନ୍ତୁ।

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଥିଲେ ଯେ ସରକାର ସୁଭଦ୍ରା ଯୋଜନା କଥା କହୁଛନ୍ତି ଏବଂ ପୂର୍ବ ସରକାରଙ୍କ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ସମାଲୋଚନା କରୁଛନ୍ତି। ମାତ୍ର ୫ ହଜାର ଟଙ୍କାରେ ଛେଳି ଦେଇଦେଲେ କ’ଣ ମହିଳାମାନେ ସଶକ୍ତ ହୋଇଯିବେ କି?

ବିଧାୟକ ତାରା ପ୍ରସାଦ ବାହିନୀପତି ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ୫୪୩ ଆସନରେ ତୁରନ୍ତ ସଂରକ୍ଷଣ ଲାଗୁ କରିବାକୁ ଦାବି କରିଥିଲେ।

ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ରାମାୟଣର ସୀତା ହରଣ ଉପାଖ୍ୟାନ ବର୍ଣ୍ଣନା କରି କେନ୍ଦ୍ର ସରକାରଙ୍କୁ ମହିଳାଙ୍କ ସହ ଛଳନା କରିବା ସହ ରାବଣ ସହ ତୁଳନା କରିଥିଲେ।

ବିଜେଡି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ବିଜେପି ସରକାର ଏବେ ବିଜୟୀ ହେଉଛନ୍ତି। କିନ୍ତୁ ଅଜୟ ହେବା ପାଇଁ ଯେଉଁ ଯୋଜନା କରିଥିଲେ ତାହା ଧରାପଡ଼ିଯାଇଛି। ବିଧାୟକ ଡଃ ଅରୁଣ କୁମାର ସାହୁ କହିଥିଲେ ଯେ ଦିନିକିଆ ଅଧିବେଶନ କଣ ପାଇଁ ତାହାର ସମୀକ୍ଷା କରାଯିବା ଦରକାର। ସେ କହିଛନ୍ତି, କାଳରା ମୁଣ୍ଡାର ଶବ କହୁଛି ଗଣତନ୍ତ୍ର କେତେ ଦୃଢ଼। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବିଧାୟକ ଧ୍ରୁବ ସାହୁ, ବର୍ଷା ସିଂ ବରିହା, କଂଗ୍ରେସ ବିଧାୟକ ଅଶୋକ ଦାସ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଏହି ଆଲୋଚନାରେ ସାମିଲ ହୋଇଥିଲେ।



ଗୁରୁବାର ନବୀନ ନିବାସରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ସୋର ବ୍ଲକ୍ ବିଜୁ ଜନତା ଦଳ କାର୍ଯ୍ୟକର୍ତ୍ତାଙ୍କ ସାକ୍ଷାତ

## ଓମ୍‌ଫେଡ୍ ଦୁଗ୍ଧ ଚାଷୀଙ୍କୁ ମିଳିବ ଲିଟର ପିଛା ୧ ଟଙ୍କା ଅଧିକ

ଭୁବନେଶ୍ୱର,୩୦।୪(ସମିସ): ପୁଣି ଓମ୍‌ଫେଡ୍ ଦୁଗ୍ଧ ଚାଷୀଙ୍କୁ ମିଳିବ ଲିଟର ପିଛା ୧ଟଙ୍କା ଅଧିକ। ଓମ୍‌ଫେଡ୍ ଦୁଗ୍ଧ ଚାଷୀଙ୍କ ଆୟ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛି। ଦୁଗ୍ଧଚାଷୀମାନେ ପୂର୍ବରୁ ଲିଟରପିଛା ୩୮ ଟଙ୍କା୦୫ ପଇସା ପାଉଥିଲେ। ଏଣିକି ଲିଟର ପିଛା ୩୯.୦୫ ଟଙ୍କା ଲେଖାଏଁ ପାଇବେ। ଏହି ନୂତନ ବର୍ଦ୍ଧିତ ଦର ୧ ମଇ ୨୦୨୬ଠାରୁ କାର୍ଯ୍ୟକାରୀ ହେବ ବୋଲି ଓମ୍‌ଫେଡ୍ ପକ୍ଷରୁ କୁହାଯାଇଛି। ତେବେ ଏହାର ପ୍ରଭାବ ଖାଉଟି ମାନଙ୍କ ଉପରେ ପଡ଼ିବା ନେଇ ଆଶଙ୍କା ପ୍ରକାଶ ପାଇଛି। ଖାଉଟିମାନେ ଦୁଗ୍ଧ ଲିଟର ପିଛା କେତେ ଟଙ୍କା ଅଧିକ ଦେବେ, ସେନେଇ ଏପର୍ଯ୍ୟନ୍ତ ଓମ୍‌ଫେଡ୍ ପକ୍ଷରୁ କିଛି କୁହାଯାଇ ନାହିଁ।

## ସାଇବର ଠକେଇ ମାମଲା: ୫ ଅଭିଯୁକ୍ତଙ୍କୁ ହାଇକୋର୍ଟଙ୍କ ସର୍ତ୍ତମୂଳକ ଜାମିନ

କଟକ, ୩୦।୪ (ସମିସ): ସାଇବର୍ ଅପରାଧ ଅଭିଯୋଗରେ ଗିରଫ ହୋଇ ଜେଲ୍‌ରେ ଥିବା ୫ ଅଭିଯୁକ୍ତଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଛନ୍ତି। ୫୦ ହଜାର ଟଙ୍କାର ଜଣେ ଜାମିନଦାରଙ୍କ ବଦଳରେ ଆବେଦନକାରୀଙ୍କୁ ଜାମିନରେ ଛାଡ଼ିବାକୁ ନିମ୍ନ ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ରୁଦ୍ରମାଧବ ମହାପାତ୍ର, ତପନ କୁମାର ନାୟକ, ପନଙ୍ଗନାରାୟଣ ଦାଶ, ସ୍ମୃତିରଞ୍ଜନ ମହାରଣା, ଶୁଭ୍ରାଂଶୁ ସାଗର ପାତ୍ରଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ୍ ଗୌରୀଶଙ୍କର ଶତପଥୀ ଏପରି ରାୟ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ କେତେକ ବ୍ୟକ୍ତିଙ୍କ ମୋବାଇଲ ଫୋନ, ଡେବିଟ କାର୍ଡ, ଇଲେକ୍ଟ୍ରୋନିକ ଇନଷ୍ଟ୍ରୁମେଣ୍ଟ ବ୍ୟବହାର କରି ବେନାମୀ ବ୍ୟାଙ୍କ ଖାତା ଚଳାଇ ଲକ୍ଷାଧିକ ଟଙ୍କା ଠକେଇ କରିଥିବା ଅଭିଯୋଗରେ ସାଇବର୍ କ୍ରାଇମ୍ ଥାନାରେ ରୁଜୁ ମାମଲାରେ ଆବେଦନକାରୀଙ୍କୁ ଚଳିତ ବର୍ଷ ପ୍ରାରମ୍ଭରେ ଗିରଫ କରାଯାଇଥିଲା। ଜଣେ ପୁଲିସ ଅଧିକାରୀ ଏହି ଘଟଣାରେ ଏତଲା ଦେଇଥିବା ବେଳେ ଜଣେ ବି କ୍ଷତିଗ୍ରସ୍ତ ଜମାକାରୀ ଅଭିଯୋଗ କରିନଥିଲେ। ଏଥିସହ ତଦନ୍ତକାରୀ ଅଧିକାରୀ ସମ୍ବିଧାନର ଧାରା ୨୨(୧) ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୪୭ ଓ ୪୮ରେ ରହିଥିବା ବ୍ୟବସ୍ଥା ପାଳନ ନ କରି ଆବେଦନକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ବୋଲି ଆବେଦନକାରୀ ଅଭିଯୋଗ କରିଥିଲେ। ଗିରଫ ମୁଖ୍ୟ ଅଭିଯୁକ୍ତକୁ ଧାରା ୪୭ ପାଳନ କରାଯାଇନଥିବାରୁ କଟକ ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଜାମିନ ମଞ୍ଜୁର କରିସାରିଥିବା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

## ଡବଲ ଇଞ୍ଜିନ ସରକାରରେ ଶିକ୍ଷାନୁଷ୍ଠାନ ଅସୁରକ୍ଷିତ: ବିଜେଡି

ଭୁବନେଶ୍ୱର,୩୦।୪(ସମିସ): ଗୁରବାର ବିଜେବି କଲେଜ ପ୍ରିନ୍ସିପାଲଙ୍କ କାର୍ଯ୍ୟାଳୟରେ ଯୁବତୀଙ୍କୁ ଦୁର୍ବ୍ୟବହାରକୁ ନେଇ ଆଲୋଚନା ଚାଲୁଥିଲା ବେଳେ ହଠାତ ୩୦ରୁ ଅଧିକ ଦୁର୍ବୃତ୍ତ ଚାମ୍ବରରେ ପଶି ମରଣାନ୍ତକ ଆକ୍ରମଣ କରିଥିଲେ। ଯାହାକୁ ବିଜୁ ଛାତ୍ର ଜନତା ଦଳ କଡା ନିନ୍ଦା କରିଛି। ଏହା ମହାବିଦ୍ୟାଳୟର



ଶୈକ୍ଷିକ ବାତାବରଣ ଧ୍ୱଂସ କରିବା ସହ ରାଜ୍ୟରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ଦର୍ଶାଉଥିବା ନେଇ ଦଳ ପକ୍ଷରୁ କୁହାଯାଇଛି।

ଗୁରବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଏହି ଘଟଣାକୁ ନେଇ ବିଜେପି ସରକାର ଉପରେ ବର୍ଷିଛନ୍ତି। ଆଜି ଜଣେ ଛାତ୍ରୀଙ୍କୁ ଦୁର୍ବ୍ୟବହାର ଘଟଣାକୁ ନେଇ ପ୍ରିନ୍ସିପାଲଙ୍କ ଚାମ୍ବରରେ ଆଲୋଚନା ଚାଲିଥିଲା ବେଳେ ହଠାତ ୩୦ରୁ ଅଧିକ ଦୁର୍ବୃତ୍ତ ପଶି ଆସି ମରଣାତ୍ମକ ଆକ୍ରମଣ କରିଥିଲେ। ଏହି ଘଟଣା ପ୍ରିନ୍ସିପାଲଙ୍କ କାର୍ଯ୍ୟାଳୟକୁ ରକ୍ତରଞ୍ଜିତ କରିଥିଲା। ଦୁଇ ଆଇନଜୀବୀଙ୍କ ଉପରେ ମରଣାତ୍ମକ ଆକ୍ରମଣ ହୋଇଥିଲା। ସେ ଦୁହେଁ ହେଲେ ଯୋଗେଶ ଜେନା ଓ ସମିମ୍ ଅଖତାର। ଗୁରୁତର ଅବସ୍ଥାରେ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବିଜେବି କଲେଜ ଭଳି ଏକ ପ୍ରତିଷ୍ଠିତ କଲେଜର ଅବସ୍ଥା ଯଦି ଏହା, ତାହେଲେ ରାଜ୍ୟର ଅନ୍ୟ ସାଧାରଣ କଲେଜର ସ୍ଥିତି କ’ଣ ହୋଇଥିବ। ବିଜେପି ସରକାର ଶାସନକୁ ଆସିଲେ, ତାଙ୍କ ନିର୍ବାଚନୀ ଇସ୍ତାହାରରେ କହିଥିଲେ ଯେ, ଶିକ୍ଷାନୁଷ୍ଠାନଗୁଡିକରେ ଶୈକ୍ଷିକ ବାତାବରଣ ଫେରାଇ ଆଣିବା ସହ ଛାତ୍ର ସଂସଦ ନିର୍ବାଚନ କରିବେ। କିନ୍ତୁ ଦୁଇ ବର୍ଷ ବିତିବାକୁ ବସିଲାଣି, ଡବଲ ଇଞ୍ଜିନ ସରକାର ଛାତ୍ର ସଂସଦ ନିର୍ବାଚନ କରିପାରିଲା ନାହିଁ। ଏଥିରୁ ଜଣାପଡୁଛି ଡବଲ ଇଂଜିନ ସରକାରର ପାରିବା ପଣିଆ କ’ଣ। ରାଜ୍ୟର ଶିକ୍ଷାର ବାତାବରଣ ଧ୍ୱଂସ ଆଡକୁ ଗତି କରୁଥିଲା ବେଳେ ରାଜ୍ୟର ଉଚ୍ଚଶିକ୍ଷାମନ୍ତ୍ରୀ, ପଶ୍ଚିମବଙ୍ଗରେ ନିର୍ବାଚନ ପ୍ରଚାରରେ ମାତିଛନ୍ତି। ଯାହା ଏକ ବିଡମ୍ବନା। ବିଜୁ ଜନତା ଦଳ ସବୁବେଳେ ଛାତ୍ରମାନଙ୍କ ସହିତ ରହିଛି। ଆଗାମୀ ଦିନମାନଙ୍କରେ ଶିକ୍ଷାନୁଷ୍ଠାନଗୁଡିକର ଶୈକ୍ଷିକ ବାତାବରଣ ସୁରକ୍ଷିତ ନରହିଲେ ବିଜୁ ଛାତ୍ର ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଇପସିତା ସାହୁ କହିଛନ୍ତି।

### ୯୦୦ କିମି ପର୍ଯ୍ୟନ୍ତ ଲମ୍ବିଲା ମେଘ ଖଣ୍ଡ

# ତାତି କମାଇଲା ବୈଶାଖୀ ଝଡ଼

ଭୁବନେଶ୍ୱର,୩୦।୪(ସମିସ): ରାଜ୍ୟରେ ଆରମ୍ଭ ହୋଇଛି କାଳବୈଶାଖୀ ବର୍ଷା। ଦୁଇ ଦିନ ମଧ୍ୟରେ କାଳବୈଶାଖୀ ଯୋଗୁଁ ରାଜ୍ୟରେ ଲାଗି ରହିଥିବା ତାତି ଓ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି। ଗୁରୁବାର ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ଏକାଧିକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଅନୁଭୂତ ହୋଇଛି। ଏହି ସମୟରେ ପ୍ରବଳ ବିଜୁଳି ଘଡ଼ଘଡ଼ି ସହ ପବନର ବେଗ ମଧ୍ୟ ୪୦ରୁ ୫୦ କିମି ପର୍ଯ୍ୟନ୍ତ ଟପିଛି। ରାଜଧାନୀରେ ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ଧରି କାଳବୈଶାଖୀ ପ୍ରଭାବ ଅନୁଭୂତ ହୋଇଛି। ପଶ୍ଚିମବଙ୍ଗଠାରୁ ଓଡ଼ିଶା ଶେଷ ପର୍ଯ୍ୟନ୍ତ ପ୍ରାୟ ୯୦୦ କିମିର ଏକ ମେଘ ଖଣ୍ଡ ଆକାଶରେ ରହିଥିବା ଦେଖାଯାଇଛି। ସନ୍ଧ୍ୟା ୬ରୁ ମେଘୁଆ ପାଗ ସାଙ୍ଗକୁ ପବନ ଆରମ୍ଭ ହୋଇ ରାତି ପ୍ରାୟ ସାଢ଼େ ୮ଟା ପର୍ଯ୍ୟନ୍ତ ବର୍ଷା ସ୍ଥିତି ଲାଗି ରହିଥିଲା।

**ରାଜ୍ୟର ବିଭିନ୍ନ ସ୍ଥାନରେ ପବନ, ବିଜୁଳି ଓ ବର୍ଷା**

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଭୁବନେଶ୍ୱର ସମେତ ପାରଳାଖେମୁଣ୍ଡିରେ ସର୍ବାଧିକ ବର୍ଷା ୩୦ ମିମି ରେକର୍ଡ ହୋଇଛି। ଏହାସହିତ ଭଦ୍ରକରେ ୧୧ ମିମି, ସୋନପୁରରେ ୩୦ ମିମି, ଫୁଲବାଣୀରେ ୨୮ ମିମି, ଗୋପାଳପୁରରେ ୨୧ ମିମି, ଅନୁଗୁଳରେ ୧୮ ମିମି, ବାରିପଦାରେ ୧୨ ମିମି ଓ ସୁନ୍ଦରଗଡ଼ରେ ୧୩ ମିମି ବର୍ଷା ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ର କହିଛି ଯେ ଶୁକ୍ରବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ଜାରି ରହିବ। ମୟୂରଭଞ୍ଜ ଓ ବାଲେଶ୍ୱରରେ କାଳବୈଶାଖୀ ପ୍ରଭାବ ସବୁଠୁ ଅଧିକ ଅନୁଭୂତ ହେବା ସହ ଏଠାରେ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ଓ ପବନର ବେଗ ୫୦-୬୦ କିମି ଉପରେ ରହିବ। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, କେନ୍ଦୁଝର ଓ ନବରଙ୍ଗପୁରରେ ମଧ୍ୟ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେବ। ଏହି ସ୍ଥାନରେ ପବନର ବେଗ ୪୦-୫୦ କିମି ପର୍ଯ୍ୟନ୍ତ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

କାଳବୈଶାଖୀ ଯୋଗୁଁ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ଘଟିଛି। ଫଳରେ ଗୁରୁବାର ମାତ୍ର ୮ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରହିଛି। ବଲାଙ୍ଗିରରେ ତାପମାତ୍ରା ସର୍ବାଧିକ ୪୨.୨ ଡିଗ୍ରୀ ରେକର୍ଡ ହୋଇଛି।

## ଗତିପଥ ବଦଳାଇଲା ବିମାନ

ନୂଆଦିଲ୍ଲୀ,୩୦।୪ (ଏଜେନ୍ସି): ଗୁରୁବାର ରାଜଧାନୀ ଭୁବନେଶ୍ୱରରେ କାଳବୈଶାଖୀ ଏବଂ ଝଡ଼ ବର୍ଷା ଯୋଗୁଁ ଗୁରୁତର ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁଁ ବିମାନ ଉଡ଼ାଣ ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷା ଏବଂ ପବନ ଯୋଗୁଁ ହାଇଦ୍ରାବାଦରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ଆସୁଥିବା ଇଣ୍ଡିଗୋ ବିମାନ ଏହାର ଦିଗ ବଦଳାଇଛି। ପ୍ରତିକୂଳ ପାଗ ଯୋଗୁଁ

**ରାୟପୁରରେ ହାଇଦ୍ରାବାଦ୍-ଭୁବନେଶ୍ୱର ଇଣ୍ଡିଗୋ ବିମାନର ଜରୁରୀ ଅବତରଣ**

ଭୁବନେଶ୍ୱରରେ ଅନୁମତି ନ ମିଳିବାରୁ ବିମାନଟି ରାୟପୁର ଯିବାକୁ ବାଧ ହୋଇଛି। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ସନ୍ଧ୍ୟାରେ ପ୍ରବଳ ପବନ ଏବଂ ଝଡ଼ବର୍ଷା ହେତୁ ବିମାନଟି ଭୁବନେଶ୍ୱର ବିମାନବନ୍ଦର ସୁରକ୍ଷିତ ଭାବେ ଅବତରଣ କରିପାରିନଥିଲା। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ବିମାନକୁ ରାୟପୁରର ସ୍ୱାମୀ ବିବେକାନନ୍ଦ ବିମାନବନ୍ଦରକୁ ଦିଗ ପରିବର୍ତ୍ତନ କରାଯାଇଥିଲା। ସେଠାରେ ଏହା ଜରୁରୀକାଳୀନ ଅବତରଣ କରିଥିଲା। ସ୍ଥିତିରେ ଉନ୍ନତି ହେବା ପରେ ବିମାନ ଭୁବନେଶ୍ୱର ଫେରିବା ନେଇ ସ୍ଥିର ହୋଇଛି। ଏହି ଝଡ଼ର ପ୍ରଭାବ କେବଳ ଗୋଟିଏ ଉଡ଼ାଣ ପର୍ଯ୍ୟନ୍ତ ସୀମିତ ନଥିଲା। କୋଲକାତାରୁ ଆସୁଥିବା ଆଉ ଏକ ବିମାନ ପ୍ରାୟ ଦୁଇ ଘଣ୍ଟା ବିଳମ୍ବ ହୋଇଥିଲା।



| ମୁଦ୍ରା ବିନିମୟ ମୂଲ୍ୟ | ସୁନା, ରୁପା ଦର (ଟଙ୍କାରେ) | ଷ୍ଟକ୍ ମାର୍କେଟ୍ | ପେଟ୍ରୋଲ-ଡିଜେଲ୍ |
|---|---|---|---|
| ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ) | ୧୦ ଗ୍ରାମ ପିଛା (୨୨ କ୍ୟାରେଟ୍) | ବଜାର କାରବାର (ପଏଣ୍ଟରେ) | ଲିଟର ପିଛା (ଟଙ୍କାରେ) |
| ● ଡଲାର ୯୪.୫୫ ● ପାଉଣ୍ଡ ୧୨୮.୦୪ | ● ସୁନା: ୧,୩୮,୧୦୦ (ଭୁବନେଶ୍ୱର) | ● ସେନ୍‌ସେକ୍ସ ୭୬,୯୧୩.୦୦ | ● ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର) |
| ● ୟୁରୋ ୧୧୦.୯୩ ● ୟେନ୍ ୦.୫୯ | ● ରୁପା : ୨,୭୦,୦୦୦ (କେଜି) | ● ନିଫ୍ଟି ୨୩,୯୯୭.୦୦ | ● ଡିଜେଲ୍ - ୯୨.୮୦ |



**ଅର୍ଥ ମନ୍ତ୍ରଣାଳୟର ମାସିକ ଅର୍ଥନୀତି ରିପୋର୍ଟ**

# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ମହଙ୍ଗା ହେବ ବଜାର



**ନୂଆଦିଲ୍ଲୀ, ୩୦।୪ (ଏଜେନ୍ସି):** ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ ବର୍ତ୍ତମାନ ଭାରତ ଅର୍ଥନୀତିକୁ ଦୋହଲାଇଦେବାକୁ ଯାଉଛି। ଏହି ଯୁଦ୍ଧ ଯୋଗୁ ଭାରତର ଅର୍ଥନୀତି ମଧ୍ୟ ପ୍ରଭାବିତ ହେବ। ଏଥିଯୋଗୁ ଦେଶରେ ମୁଦ୍ରାସ୍ଫୀତି ବଢ଼ିବ। ଏଥିରେ ଖାଉଟି ବଜାର ଆହୁରି ମହଙ୍ଗା ହେବ ବୋଲି ଏହାକୁ କେନ୍ଦ୍ର ସରକାର ମଧ୍ୟ ସ୍ୱୀକାର କରିଲେଣି। ପଶ୍ଚିମ ଏସିଆ ସଙ୍କଟ ଭାରତ ପାଇଁ ମୁଦ୍ରାସ୍ଫୀତି ବିପଦକୁ ବୃଦ୍ଧି କରିଛି। ତଥାପି, ପ୍ରବଳ ଘରୋଇ ଚାହିଦା ଅର୍ଥନୀତିକୁ ସମର୍ଥନ ଯୋଗାଇପାରେ। ହେଲେ ଉପସାଗରୀୟ ଦେଶଗୁଡ଼ିକରୁ ଅଶୋଧିତ ତେଲ ଏବଂ ପ୍ରାକୃତିକ ଗ୍ୟାସ ଯୋଗାଣ ସ୍ୱାଭାବିକ ହେବାକୁ କିଛି ମାସ ଲାଗିପାରେ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ମାସିକ ଅର୍ଥନୀତି ରିପୋର୍ଟ (ଏମ୍‌ଇଆର୍) ସ୍ୱୀକାର କରିଛି ଯେ ପଶ୍ଚିମ ଏସିଆ ବିବାଦ ଭାରତର ଯୋଗାଣ ଶୃଙ୍ଖଳକୁ ଏକ ବଡ଼ ଆଘାତ ଦେଇଛି, ଯାହା ମୁଦ୍ରାସ୍ଫୀତି ଜନିତ ବିପଦ ବୃଦ୍ଧି କରିଛି।

ଅର୍ଥ ମନ୍ତ୍ରଣାଳୟ ବୁଧବାର ଏପ୍ରିଲ ମାସ ପାଇଁ ଏହାର ମାସିକ ସମୀକ୍ଷା ରିପୋର୍ଟ ପ୍ରକାଶ କରିଛି। ଏଥିରେ କୁହାଯାଇଛି ଯେ ପଶ୍ଚିମ ଏସିଆ ସଙ୍କଟ ଭାରତର ଯୋଗାଣ ଶୃଙ୍ଖଳକୁ ବାଧାପ୍ରାପ୍ତ କରିଛି। ଏହା ବାଣିଜ୍ୟ କାରବାର ଏବଂ ଆର୍ଥିକ ପ୍ରବାହ ପାଇଁ ବିପଦ ସୃଷ୍ଟି କରିଛି। ତଥାପି, ରିପୋର୍ଟରେ କୁହାଯାଇଛି ଯେ ଦୃଢ଼ ଘରୋଇ ଚାହିଦା, ନୀତିଗତ ସମର୍ଥନ, ଏକ ଦୃଢ଼ ଆର୍ଥିକ ବ୍ୟବସ୍ଥା ଏବଂ ସାଧାରଣ ନିବେଶ ଭାରତୀୟ ଅର୍ଥନୀତିକୁ କିଛି ସୁରକ୍ଷା ପ୍ରଦାନ କରିବ। ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ ଯୋଗାଣ ଏବଂ ରାସାୟନିକ ଖଣିକୁ ନେଇ ଦୀର୍ଘକାଳୀନ ଅନିଶ୍ଚିତତା ଦେଶର ସାମଗ୍ରିକ ଆର୍ଥିକ ସ୍ଥିରତାକୁ ପରୀକ୍ଷା କରିପାରେ। ରିପୋର୍ଟରେ ଏଲ୍ ନିନୋର ପ୍ରଭାବ ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି। ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହ ସ୍ୱାଭାବିକଠାରୁ କମ୍ ରହିବ ବୋଲି ଆଶଙ୍କା କରାଯାଉଛି। ଫଳସ୍ୱରୂପ, ଅଧିକାଂଶ ଜିଲ୍ଲାରେ ହାରାହାରି ବର୍ଷା ହେବ ବୋଲି ଆଶା କରାଯାଉଛି। ଏହି ଦୁର୍ବଳ ମୌସୁମୀ ଖରିଫ ଫସଲ ଉତ୍ପାଦନକୁ ପ୍ରଭାବିତ କରିପାରେ।

ଅର୍ଥ ମନ୍ତ୍ରଣାଳୟ ରିପୋର୍ଟରେ କୁହାଯାଇଛି ଯେ ଏହି ପରିସ୍ଥିତିରେ, ମୁଦ୍ରାସ୍ଫୀତି, ଆର୍ଥିକ ନିଅଣ୍ଟ ଏବଂ ଚଳନ୍ତି ଖାତା ନିଅଣ୍ଟ ବୃଦ୍ଧି ପାଇବାର ଆଶଙ୍କା ରହିଛି, ଯେତେବେଳେ କି ଆର୍ଥିକ ଅଭିବୃଦ୍ଧି

**ବଢ଼ିବ ହାଣ୍ଡିଶାଳ ବଜେଟ**

ଚାପରେ ରହିପାରେ। ରିପୋର୍ଟ ଅନୁଯାୟୀ, ଭାରତ ୨୦୨୬-୨୭ ଆର୍ଥିକବର୍ଷରେ ଏକ ଦୃଢ଼ ଅଭିବୃଦ୍ଧି ହାର ନେଇପ୍ରବେଶ କରୁଥିଲା, ଯାହା ୭-୭.୪ ପ୍ରତିଶତ ଆକଳନ କରାଯାଇଛି। ତଥାପି, ପଶ୍ଚିମ ଏସୀୟ ଯୁଦ୍ଧ ଯୋଗୁଁ ବିଶ୍ୱ ଅର୍ଥନୈତିକ ଦୃଶ୍ୟପଟରେ ପରିବର୍ତ୍ତନ ଏହି ପୂର୍ବାନୁମାନକୁ ପ୍ରଭାବିତ କରିଛି। ଭାରତୀୟ ଅର୍ଥନୀତି ୨୦୨୫-୨୬ ଆର୍ଥିକବର୍ଷରେ ୭.୬ ପ୍ରତିଶତ ହାରରେ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି।

## ୭% ବଢ଼ିପାରେ ଖାଇବା ତେଲ ଦର



**ସୋୟାବିନ୍‌ଠୁ ସୋରିଷ ତେଲ ସବୁର ମୂଲ୍ୟ ବଢ଼ିବ**

**ନୂଆଦିଲ୍ଲୀ,୩୦।୪(ଏଜେନ୍ସି):** ମୁଦ୍ରାସ୍ଫୀତି ପୁଣି ଥରେ ସାଧାରଣ ଲୋକଙ୍କ ପକେଟ ଉପରେ ପ୍ରଭାବ ପକାଇଛି। ଅଶୋଧିତ ତେଲ ଦର ବୃଦ୍ଧି ଏବଂ ଆମଦାନୀ ଖର୍ଚ୍ଚରେ ବୃଦ୍ଧି ଯୋଗୁଁ ପାମୋଲିନ୍, ସୋୟାବିନ୍ ଏବଂ ସୋରିଷ ଭଳି ଖାଇବା ତେଲ ୫-୬% ମହଙ୍ଗା ହେବାକୁ ଯାଉଛି। ଖାଦ୍ୟ ତେଲ କମ୍ପାନୀଗୁଡ଼ିକ ଖୁବ୍ ଶୀଘ୍ର ୫ ରୁ ୬ ପ୍ରତିଶତ ମୂଲ୍ୟ ବୃଦ୍ଧି କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ପ୍ରତ୍ୟେକ ପରିବାରର ରୋଷେଇ ଘର ବଜେଟ ଉପରେ ସିଧାସଳଖ ପ୍ରଭାବ ପକାଇବ। ବିଶେଷଜ୍ଞଙ୍କ ଅନୁଯାୟୀ, ଗତ ମାସରେ (ପ୍ରମୁଖ କମ୍ପାନୀଗୁଡ଼ିକ ତେଲ ମୂଲ୍ୟ ବୃଦ୍ଧି କରିଥିଲେ। ଏବେ ଗ୍ରାହକମାନେ କ୍ରମାଗତ ଭାବରେ ବୃଦ୍ଧି ପାଉଥିବା ମୂଲ୍ୟ ଯୋଗୁଁ ଆଉ ଏକ ଝଟ୍‌କା ପାଇପାରନ୍ତି।

ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଏବଂ ଆମେରିକା ଏବଂ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ଯୋଗୁଁ, ବ୍ରେଣ୍ଟ ଅଶୋଧିତ ତୈଳ ବ୍ୟାରେଲ ପିଛା ୧୨୦ ଅତିକ୍ରମ କରିଛି। ଶିଳ୍ପ ବିଶେଷଜ୍ଞଙ୍କ ଅନୁଯାୟୀ, ଖାଇବା ତେଲ ମୂଲ୍ୟ ପ୍ରାୟତଃ ଅନ୍ତର୍ଜାତୀୟ ଅଶୋଧିତ ତୈଳ ଧାରା ଅନୁସରଣ କରେ। ଭାରତ ଏହାର ମୋଟ ଖାଦ୍ୟ ତେଲ ବ୍ୟବହାରର ପ୍ରାୟ ୫୭ ପ୍ରତିଶତ ବିଦେଶରୁ ଆମଦାନୀ କରେ। ସଲଭେଣ୍ଟ ଏକ୍ସଟ୍ରାକ୍ଟରସ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବି.ଭି. ମେହେଟାଙ୍କ ଅନୁଯାୟୀ, ବର୍ଦ୍ଧିତ ମାଲ ପରିବହନ, ବୀମା ଖର୍ଚ୍ଚ ଏବଂ ଦୁର୍ବଳ ଟଙ୍କା ଖାଦ୍ୟ ତେଲକୁ ଅଧିକ ମହଙ୍ଗା କରିଛି। ଘରୋଇ ବଜାରରେ ତୈଳବୀଜ ମୂଲ୍ୟ ମଜବୁତ ହୋଇଛି, ଯାହା ତୈଳ ଉତ୍ପାଦନକାରୀ କମ୍ପାନୀଗୁଡ଼ିକର ମାର୍ଜିନ୍ ଉପରେ ଗୁରୁତ୍ୱପୂର୍ଣ୍ଣ ଚାପ ପକାଇଛି।

## ସୁଧ ହାର ହ୍ରାସ କଲାନି ଫେଡେରାଲ ରିଜର୍ଭ

**ୱାଶିଂଟନ୍, ୩୦।୪ (ଏଜେନ୍ସି):** ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ୍ ରିଜର୍ଭ ଏହାର ସୁଧ ହାର ଅପରିବର୍ତ୍ତିତ ରଖିଛି। ପ୍ରାୟ ସାଢ଼େ ତିନି ଦଶନ୍ଧି ପରେ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ବୈଠକ ପ୍ରବଳ ବିଶୃଙ୍ଖଳାରେ ଶେଷ ହୋଇଛି। ଦୀର୍ଘ ୩୪ବର୍ଷ ପରେ ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କର ଏହି ବୈଠକରେ ମତଭେଦ ଶୀର୍ଷରେ ପହଞ୍ଚିଛି। ନୀତି ନିର୍ଦ୍ଧାରଣକାରୀ କମିଟି ସଦସ୍ୟଙ୍କ ମଧ୍ୟରେ ପ୍ରବଳ ମତଭେଦ ଯୋଗୁ ଏଭଳି ସ୍ଥିତି ଉପୁଜିଛି। ଅପରପକ୍ଷେ ଏହି ଆଭ୍ୟନ୍ତରୀଣ ବିଭାଜନ ନିବେଶକମାନଙ୍କୁ ଅନିଶ୍ଚିତ ମଧ୍ୟକୁ ଠେଲିଦେଇଛି।

ଫେଡେରାଲ୍ ରିଜର୍ଭର ଆଜିର ବୈଠକ ସାଧାରଣ ନ ଥିଲା। ଏହା ବିଶେଷକରି ବିଶ୍ୱବ୍ୟାପୀ ଭୂ-ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇଥିବା ସମୟରେ ଏକ ଅସ୍ଥିରତା ଯେଉଁଥିରେ ଆମେରିକା ସିଧାସଳଖ ଭାବେ ଜଡିତ। ଏହା ତେଲ ଦରକୁ ଆକାଶଛୁଆଁ କରିଛି।

**୩୪ବର୍ଷ ପରେ ଆମେରିକା କେନ୍ଦ୍ରୀୟ ବ୍ୟାଙ୍କର ବୈଠକରେ ମତଭେଦ**

ଆମେରିକାରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବହୁତ ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତି ସ୍ଥିର ଭାବରେ ବୃଦ୍ଧି ପାଉଛି। ଏହି ସମୟରେ ଏହା ଫେଡ୍ ଅଧ୍ୟକ୍ଷ ଜେରୋମ୍ ପାୱେଲଙ୍କ ପାଇଁ ମଧ୍ୟ ଶେଷ ବୈଠକ ଥିଲା, ଯିଏକି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ତୀବ୍ର ବିବାଦରେ ଅଛନ୍ତି। ତାଙ୍କ କାର୍ଯ୍ୟକାଳ ଏବେ ଶେଷ ହୋଇଛି। କେଭିନ୍ ୱାର୍ଶ କେବଳ ଜୁନ୍ ବୈଠକରେ ଅଂଶଗ୍ରହଣ କରିବେ ନାହିଁ ବରଂ ତାଙ୍କର ପ୍ରଥମ ମୁଦ୍ରା ନୀତି ଘୋଷଣା ମଧ୍ୟ କରିବେ। ଆଜିର ବୈଠକରେ ଦେଖାଯାଇଥିବା ମତଭେଦ ଏବଂ ଅସହମତିର ସ୍ତର ଯାହା ବିଗତ ୩୪ ବର୍ଷ ମଧ୍ୟରେ ପ୍ରଥମ। ଏହା ଫଳରେ ସୁଧ ହାରକୁ ଲଗାତାର ତୃତୀୟ ଥର ପାଇଁ ସ୍ଥଗିତ ରଖାଯାଇଛି। ଏହାର ଅର୍ଥ ହେଉଛି ବର୍ତ୍ତମାନ ପାଇଁ ଫେଡେରାଲ୍ ରିଜର୍ଭ ଖୋଲା ବଜାର କମିଟି ବେଞ୍ଚମାର୍କ ପାଣ୍ଠି ହାର ୩.୫%-୩.୭୫% ମଧ୍ୟରେ ବଜାୟ ରଖିବାକୁ ଭୋଟ୍ ଦେଇଥିଲା। ଅପରପକ୍ଷେ ବଜାରଗୁଡ଼ିକ ପୂର୍ବରୁ ଶତ ପ୍ରତିଶତ ସମ୍ଭାବନା ଅନୁମାନ କରୁଥିଲେ ଯେ ହାର ଅପରିବର୍ତ୍ତିତ ରହିବ।

**ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବ**

## ଆମେରିକାରେ ଉତ୍କଟ ଗହମ ସଙ୍କଟ



**ମୂଲ୍ୟରେ ୩୦% ବୃଦ୍ଧି**

**୭୦% ଗହମ ଖାଇବା ଉପଯୋଗୀ ନୁହେଁ**

**ଉତ୍ପାଦନକୁ ପ୍ରଭାବିତ କରିବ ମରୁଡ଼ି, ସାର ଅଭାବ**

**ନୂଆଦିଲ୍ଲୀ,୩୦।୪(ଏଜେନ୍ସି):** ପଶ୍ଚିମ ଏସୀୟ ସଙ୍କଟ ଦୁଇ ମାସରୁ ଅଧିକ ସମୟ ଧରି ଜାରି ରହିଛି। ଏହା ଶୀଘ୍ର ଶେଷ ହେବାର ଆଶା କମ୍। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମ୍ପ୍ରତି ଇରାନ ବନ୍ଦରଗୁଡ଼ିକୁ ଅବରୋଧକୁ କରିବା ନେଇ ବିଚାର କରୁଛନ୍ତି। ସେ ଦେଶର ନୌସେନାକୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ଆମେରିକାରେ ମୁଦ୍ରାସ୍ଫୀତି କ୍ରମାଗତ ଭାବରେ ବୃଦ୍ଧି ପାଉଛି। ଅଶୋଧିତ ତୈଳ ମୂଲ୍ୟ ଚାରି ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ସାର ମୂଲ୍ୟ ବୃଦ୍ଧି ଏବଂ ମରୁଡ଼ି ଦେଶରେ ଗହମ ମୂଲ୍ୟକୁ ଯଥେଷ୍ଟ ବୃଦ୍ଧି କରିଛି। ଅପରପକ୍ଷେ ଫସଲ ବୁଣା ମଧ୍ୟ ସର୍ବକାଳୀନ ନିମ୍ନ ସ୍ତରରେ ପହଞ୍ଚିବାର ସମ୍ଭାବନା ଦେଖାଦେଇଛି। ଏଥିରେ ଆମେରିକାରେ ଉତ୍କଟ ଗହମ ସଙ୍କଟ ଦେଖାଦେଇଛି। ସେଠାରେ ଗହମ ମୂଲ୍ୟରେ ୩୦% ବୃଦ୍ଧି ଘଟିଛି। ଏମିତିକି ଖରାପ ମାନର ଗହମ ବଜାରକୁ ଆସିବାରେ ଲାଗିଛି। ଆମେରିକାରେ ୭୦% ଗହମ ଖାଇବା ଉପଯୋଗୀ ନୁହେଁ ବୋଲି ଜଣାପଡିଛି। ମଧ୍ୟ ପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ସାରା ବିଶ୍ୱରେ ବର୍ତ୍ତମାନ ମରୁଡି ଏବଂ ସାର ଅଭାବ ଦେଖାଦେଇଥିବା ଯୋଗୁ ଗହମ ଉତ୍ପାଦନ ପ୍ରଭାବିତ ହୋଇଛି।

ମଙ୍ଗଳବାର ଆମେରିକାର ଗହମ ଫ୍ୟୁଚର୍ସ ମୂଲ୍ୟ ପ୍ରତି ବୁଶେଲରେ ୪.୧% ବୃଦ୍ଧି ପାଇ ୬.୫୮ ଡଲାରରେ ପହଞ୍ଚିଛି। ଗୋଟିଏ ବୁଶେଲ ୨୭.୨୨ କିଲୋଗ୍ରାମ ସମାନ। ଏହା ୨୦୨୪ ଜୁନ୍ ପରଠାରୁ ସର୍ବାଧିକ ମୂଲ୍ୟ। ଚଳିତବର୍ଷ ଆମେରିକାରେ ଗହମ ୩୦% ମହଙ୍ଗା ହୋଇଛି। ଦେଶର ଗହମ ଉତ୍ପାଦନକାରୀ ଅଞ୍ଚଳରେ ମରୁଡି ଏବଂ ସାର ମୂଲ୍ୟ ବୃଦ୍ଧି ଯୋଗୁଁ ଏଭଳି ସ୍ଥିତି ଉପୁଜିଛି। ୟୁଏସ୍‌ଡିଏ ଅନୁଯାୟୀ, ଦେଶର କେବଳ ୩୦% ଗହମ ଉତ୍ତମ ଗୁଣବତ୍ତାର। ଅପରପକ୍ଷେ ନିମ୍ନମାନର ଗହମ ପରିମାଣ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହାବ୍ୟତୀତ, ମରୁଡ଼ି ଯୋଗୁଁ ଗହମ ଫସଲ ଶୀଘ୍ର ପାଚିଯାଉଛି। ୩୪% ଫସଲ ପାଚିସାରିଛି। ଏହା ସୂଚିତ କରେ ଯେ ଚଳିତ ବର୍ଷ ଗହମ ଅମଳ ସ୍ୱାଭାବିକଠାରୁ କମ୍ ହେବ। ଏହି ସମୟରେ ବୃଦ୍ଧି ପାଉଥିବା ମୂଲ୍ୟ ଏବଂ ହ୍ରାସ ପାଉଥିବା ଲାଭ ଯୋଗୁଁ ଆମେରିକାର ଚାଷୀମାନେ ଏଥର ସବୁଠାରୁ କମ୍ ଗହମ ଚାଷ କରୁଛନ୍ତି। ସାର, ବିହନ ଏବଂ କୃଷି ଉପକରଣର ବୃଦ୍ଧି ଦର ଚାଷୀଙ୍କ ପାଇଁ ଗହମ ଚାଷକୁ ଅଲାଭଜନକ କରିଦେଇଛି। ଫଳସ୍ୱରୂପ, ଦେଶରେ ଖାଦ୍ୟ ମୁଦ୍ରାସ୍ଫୀତି ବୃଦ୍ଧି ପାଇବା ନିଶ୍ଚିତ।

## ପୁରୀରେ ଫାର୍ମବି ପକ୍ଷରୁ ଖେଚୁଡ଼ି ଓ ସାଗୁ ଖିରି ବଣ୍ଟନ

**ଭୁବନେଶ୍ୱର,୩୦।୪(ସମିସ):** ପୁରୀ ଶ୍ରୀ ଜଗନ୍ନାଥ ଧାମଠାରେ ଅଗ୍ରଣୀ ଖାଦ୍ୟ ଉଦ୍ୟୋଗ ଫାର୍ମବି ଓ ରେଜ୍ ଫାଉଣ୍ଡେସନ୍ ପକ୍ଷରୁ ଏକ ନିଆରା ମହାଭୋଗ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ପରିବେଶରେ ଭକ୍ତି, ସେବା ଓ ସଂସ୍କୃତିର ଅଦ୍ଭୁତ ସମନ୍ୱୟ ଦେଖିବାକୁ ମିଳିଥିଲା। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାରମ୍ପରିକ ରଷେଇରୁ ପ୍ରେରିତ ହୋଇ 'ଦେବ ଭୋଗ ଖେଚୁଡି ଓ ସାଗୁ ଖିରି' ପ୍ରସ୍ତୁତ କରାଯାଇ ପବିତ୍ର ବଡଦାଣ୍ଡ ପରିସରରେ ହଜାର ହଜାର ଭକ୍ତଙ୍କୁ ଭକ୍ତିଭାବ ସହ ବଣ୍ଟନ କରାଯାଇଥିଲା। ଏହି ପବିତ୍ର ପ୍ରୟାସ କେବଳ ଖାଦ୍ୟ ବଣ୍ଟନ ନୁହେଁ ବରଂ ଓଡିଶାର ଧାର୍ମିକ ଓ ପରମ୍ପରାକୁ ପୁର୍ନଜୀବିତ କରିବାର ଏକ ସାର୍ଥକ ଚେଷ୍ଟା। ଭକ୍ତମାନେ ଏହାକୁ ମହାପ୍ରଭୁଙ୍କର ପ୍ରସାଦ ଭାବେ ଗ୍ରହଣ କରି ଫାର୍ମବି ପ୍ରତି ତାଙ୍କର ଆନନ୍ଦ ଓ କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ଭକ୍ତମାନେ କହିଥିଲେ ଏହା କେବଳ ଖାଦ୍ୟ ନୁହେଁ ବରଂ ମହାପ୍ରଭୁଙ୍କର ପ୍ରସାଦର ଅନୁଭୁତି ଦେଉଛି। ଫାର୍ମବି ପକ୍ଷରୁ ନିଆଯାଇଥିବା ଏହି ପବିତ୍ର ପଦକ୍ଷେପ ଓଡିଶାର ଧାର୍ମୀକ ଓ ପାକଶାଳୀୟ ପରମ୍ପରାକୁ ନୂତନ ଆଲୋକରେ ଉପସ୍ଥାପନା କରିଛି। ଫାର୍ମବି ଓ ରେଜ୍ ଫାଉଣ୍ଡେସନର ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ରହି ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରିବା ସହ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ।




## ନାଲକୋର ଐତିହାସିକ ଆର୍ଥିକ ଫଳାଫଳ



**ଭୁବନେଶ୍ୱର, ୩୦।୪(ସମିସ):** କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ(ନାଲକୋ) ଆର୍ଥିକବର୍ଷ ୨୦୨୫-୨୬ ରେ ଉତ୍ପାଦନ ଓ ବିକ୍ରିତଥା ନିଟ୍ ଲାଭ ଅର୍ଜନ କ୍ଷେତ୍ରରେ ସର୍ବକାଳିନ ରେକର୍ଡ ଦୋହରାଇଛି। ଆଜିର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ ହୋଇଥିବା ଆର୍ଥିକ ଫଳାଫଳ ଅନୁଯାୟୀ, ନାଲକୋ ଆର୍ଥିକ ବର୍ଷ ୨୦୨୫-୨୬ରେ ସର୍ବକାଳୀନ ସର୍ବାଧିକ ୫,୮୧୬ କୋଟି ଟଙ୍କାର ନିଟ୍ ଲାଭ (ଟିକସ ପରବର୍ତ୍ତୀ ଲାଭ) ଅର୍ଜନ କରିଛି। ପୂର୍ବ ଆର୍ଥିକବର୍ଷରେ ଏହି ପରିମାଣ ୫,୩୨୫ କୋଟି ଟଙ୍କା ଥିଲା (୯.୨% ଅଭିବୃଦ୍ଧି)। ଏଥିସହ, ଆର୍ଥିକ ବର୍ଷ ୨୦୨୫-୨୬ରେ ମଧ୍ୟ କମ୍ପାନୀ ସର୍ବକାଳିନ ସର୍ବାଧିକ ୧୭,୮୪୩ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି ଯାହା ପୂର୍ବ ଆର୍ଥିକ ବର୍ଷରେ ୧୬,୭୮୮କୋଟି ଟଙ୍କା ରହିଥିଲା। ଏଥିସହ, ୨୦୨୬ ମାର୍ଚ୍ଚରେ ଶେଷ ହୋଇଥିବା ଚତୁର୍ଥ ତ୍ରୈମାସିକରେ କମ୍ପାନୀର ନିଟ୍ ଲାଭରେ ୭% ଅଭିବୃଦ୍ଧି ଘଟି ୧,୭୧୮ କୋଟି ଟଙ୍କା ହୋଇଛି ଯାହା ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ୧,୬୦୧ କୋଟି ଟଙ୍କା ଥିଲା। ଉତ୍ପାଦନ ପରିମାଣରେ ବୃଦ୍ଧି, ଉତ୍ପାଦର ସଠିକ ମୂଲ୍ୟ ଏବଂ ବଜାର ସୁଯୋଗକୁ କୁଶଳୀ ଢଙ୍ଗରେ ବ୍ୟବହାର କରିବାରେ ଆମର ଦକ୍ଷତା ଯୋଗୁଁ ଏହି ଫଳାଫଳ ହାସଲ ହୋଇପାରିଛି। କାରଖାନା, ମାନବ ସମ୍ବଳ ଏବଂ ପ୍ରକ୍ରିୟା ଦକ୍ଷତାକୁ ସୁଦୃଢ କରିବା ନିମନ୍ତେ ଆମର ପ୍ରଚେଷ୍ଟା ଲକ୍ଷ ହାସଲ ଦିଗରେ ସହାୟକ ହୋଇଥାଏ ବୋଲି ନାଲକୋ ସିଏମଡି ବ୍ରଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି।

## ଫ୍ଲିପ୍‌କାର୍ଟ, ଆକ୍ସିସ ବ୍ୟାଙ୍କ ଓ ପେୟୁ କାର୍ଡ ପେମେଣ୍ଟସ ପାଇଁ ବାୟୋମେଟ୍ରିକ ପ୍ରମାଣୀକରଣ ପ୍ରଚଳନ

**ମୁମ୍ବଇ,୩୦।୪ :** ଭାରତର ସ୍ୱଦେଶୀ ଇ-କମର୍ସ ମାର୍କେଟପ୍ଲେସ୍ ଫ୍ଲିପ୍‌କାର୍ଟ ଭାରତରେ ଅନ୍ୟତମ ସର୍ବବୃହତ ଘରୋଇ କ୍ଷେତ୍ର ବ୍ୟାଙ୍କ ଆକ୍ସିସ ବ୍ୟାଙ୍କ ଓ ଭାରତର ଅଗ୍ରଣୀ ବିବିଧକୃତ ଫିନ୍‌ଟେକ୍ ପ୍ଲାଟଫର୍ମ ପେୟୁ ସହଭାଗୀତାରେ କାର୍ଡ ପେମେଣ୍ଟସ୍ ପାଇଁ ବାୟୋମେଟ୍ରିକ ପ୍ରମାଣୀକରଣ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ତିନିଟି ବିଶ୍ୱସନୀୟ ସଂସ୍ଥାନ ଏହି ପ୍ରୟାସ ନିମନ୍ତେ ସେମାନଙ୍କର ସହଭାଗୀ ଗ୍ରାହକ ପ୍ରଥମ ଆଭିମୁଖ୍ୟ ଆଧାରରେ ପରସ୍ପର ସହିତ ହାତ ମିଳାଇଛନ୍ତି ଏବଂ ଭାରତର ଗ୍ରାହକମାନଙ୍କୁ ସେମାନଙ୍କର ସାମୂହିକ ପ୍ରତିବଦ୍ଧତା ପୁନଃସୁଦୃଢୀକରଣ କରିଛନ୍ତି। ଏହି ପ୍ରୟାସ ବ୍ୟବହାରକାରୀଙ୍କୁ ସେମାନଙ୍କ ଆଙ୍ଗୁଠି ଛାପ ଅଥବା ମୁଖମଣ୍ଡଳ ଆଇଡି ସମର୍ଥନକାରୀ ଆଣ୍ଡ୍ରଏଡ ଓ ଆଇଓଏସ୍ ଉପକରଣରେ ବ୍ୟବହାର କରି ଦେଣନେଣ ପ୍ରମାଣୀକରଣ କରିବାକୁ ଅନୁମତି ଦେଉଛି ଏବଂ ଏହାଦ୍ୱାରା ଥରକ ପାଇଁ ପାସ୍‌ୱର୍ଡ (ଓଟିପି) ଆବଶ୍ୟକତାକୁ ଦୂର କରୁଛି। ଏହି ସେବାକୁ ପ୍ରଥମେ ଆକ୍ସିସ ବ୍ୟାଙ୍କ କାର୍ଡଧାରକମାନଙ୍କ ନିମନ୍ତେ ଯୋଗାଣକାରୀ ସ୍ତରରେ ବାୟୋମେଟ୍ରିକ ପ୍ରମାଣୀକରଣ ଜରିଆରେ କାର୍ଯ୍ୟକ୍ଷମ କରାଯାଉଛି।

**୩% ଆଇଜିଏସ୍‌ଟି ଟିକସ ଭୟ**

## ସୁନା ଆମଦାନି ୩୦ ବର୍ଷର ସର୍ବନିମ୍ନ ସ୍ତରରେ



**ଆମଦାନି ବନ୍ଦ କଲେ ବ୍ୟାଙ୍କ**

**ଚଳିତମାସରେ ଆମଦାନି ୧୫ ଟନ୍ ରହିବା ଆଶା**

**ନୂଆଦିଲ୍ଲୀ,୩୦।୪(ଏଜେନ୍ସି):** ଏପ୍ରିଲରେ ଭାରତର ସୁନା ଆମଦାନୀ ବିଗତ ୩୦ ବର୍ଷର ସର୍ବନିମ୍ନ ସ୍ତରରେ ପହଞ୍ଚିପାରେ। ଚଳିତ ମାସରେ ଭାରତୀର ସୁନା ଆମଦାନି ମାତ୍ର ୧୫ ଟନ୍ ହେବ ବୋଲି ଆକଳନ କରାଯାଉଛି। କାରଣ ସରକାର ଆମଦାନୀକାରୀଙ୍କଠାରୁ ୩% ସମନ୍ୱିତ ସାମଗ୍ରୀ ଏବଂ ସେବା ଟିକସ(ଆଇଜିଏସ୍‌ଟି) ଆଦାୟ କରିବା ଆରମ୍ଭ କରିଥିବାରୁ ବ୍ୟାଙ୍କଗୁଡ଼ିକ ସୁନା ଆମଦାନି ବନ୍ଦ କରିଦେଇଛନ୍ତି। ଏକ ରିପୋର୍ଟରେ ଦାବି କରାଯାଇଛି ଯେ ଭାରତ ହେଉଛି ବିଶ୍ୱର ଦ୍ୱିତୀୟ ସର୍ବବୃହତ ସୁନା ଗ୍ରାହକ। ଗତ ବର୍ଷ ଦେଶକୁ ୨୫ ଟନ୍ ସୁନା ଆମଦାନି ହୋଇଥିଲା। ୨୦୨୫-୨୬ରେ ପ୍ରତି ମାସରେ ହାରାହାରି ପ୍ରାୟ ୬୦ ଟନ୍ ସୁନା ଆମଦାନୀ ହେବ ବୋଲି ଆଶା କରାଯାଉଥିଲା।

ତେବେ ଏପ୍ରିଲରେ ଭାରତର ସୁନା ଆମଦାନି ୧୫ ଟନ୍ ହେବ ବୋଲି ଆକଳନ କରାଯାଇଛି, ଯାହା ପ୍ରାୟ ତିନି ଦଶନ୍ଧି ମଧ୍ୟରେ ଏହା ସର୍ବନିମ୍ନ। ଏପ୍ରିଲରେ ଭାରତର ସୁନା ଆମଦାନୀ ୧.୩ ବିଲିୟନ ଡଲାର ହେବ ବୋଲି ଆଶା କରାଯାଉଛି, ଯାହା ପୂର୍ବ ଆର୍ଥିକବର୍ଷରେ ପ୍ରତି ମାସରେ ପ୍ରାୟ ୬ ବିଲିୟନ ଡଲାର ଥିଲା। ବୁଲିଅନ୍ ଡିଲରମାନେ କହିଛନ୍ତି ଯେ ୧୯ ଏପ୍ରିଲରେ ଅକ୍ଷୟ ତୃତୀୟାକୁ ଧନତେରସ ପରେ ସବୁଠାରୁ ବଡ଼ ସୁନା କ୍ରୟ ପର୍ବ ଭାବରେ ବିବେଚନା କରାଯିବା ସତ୍ତ୍ୱେ ସୁନା ଆମଦାନୀ ହ୍ରାସ ପାଇଛି। ଇଣ୍ଡିଆ ବୁଲିଅନ୍ ଆଣ୍ଡ ଜୁଏଲର୍ସ ଆସୋସିଏସନର ସଚିବ ସୁରେନ୍ଦ୍ର ମେହେଟା କହିଛନ୍ତି ଯେ ସରକାର ସୀମା ଶୁଳ୍କ ୩% ଆଦାୟ କରିବା ଆରମ୍ଭ କରିଥିବାରୁ ବ୍ୟାଙ୍କଗୁଡ଼ିକ ଆମଦାନୀ ବନ୍ଦ କରିଦେଇଛନ୍ତି। ବ୍ୟାଙ୍କଗୁଡ଼ିକ ଦେଶର ଅଧିକାଂଶ ବିଶୋଧିତ ସୁନା ଆମଦାନୀ କରନ୍ତି। ୨୦୧୭ରେ ଜିଏସ୍‌ଟି ଲାଗୁ ହେବା ସମୟରେ ବ୍ୟାଙ୍କଗୁଡ଼ିକୁ ସୁନା ଆମଦାନୀ ଉପରେ ୩% ଆଇଜିଏସ୍‌ଟି ମୁକ୍ତ କରାଯାଇଥିଲା, କିନ୍ତୁ ଏହା ଏବେ ସଂଗ୍ରହ କରାଯାଉଛି।

ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ ବ୍ୟାଙ୍କଗୁଡ଼ିକ ଚଳିତ ମାସରେ କୌଣସି ସୁନା ଆମଦାନୀ କରିନାହାଁନ୍ତି। ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ବୁଲିଅନ୍ ଏକ୍ସଚେଞ୍ଜ ମାଧ୍ୟମରେ କିଛି ସୁନା ଆମଦାନୀ କରାଯାଇଛି। ଅପରପକ୍ଷେ ଟିକସ ଅଧିକାରୀମାନେ ତୁରନ୍ତ ଏହି ବିଷୟରେ କୌଣସି ମନ୍ତବ୍ୟ ଦେଇ ନାହାଁନ୍ତି। ମୁମ୍ବାଇର ଜଣେ ବୁଲିଅନ୍ ଡିଲର କହିଛନ୍ତି ଯେ ଅକ୍ଷୟ ତୃତୀୟାରେ ଚାହିଦା ଆଶା କରି ବ୍ୟାଙ୍କଗୁଡ଼ିକ ସୁନା କିଣିଥିଲେ, କିନ୍ତୁ ଏହା ଭଣ୍ଡାରରେ ପଡ଼ିରହିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରାୟ ୮ ଟନ୍ ସୁନା ଏବେ ଭଣ୍ଡାରରେ ଗଚ୍ଛିତ ଅଛି। ଡିଲର କହିଛନ୍ତି ଯେ କଷ୍ଟମ୍ସ ଅଧିକାରୀମାନେ ଜିଏସ୍‌ଟି ଦାବି ନ କରି ଆଗକୁ ବଢ଼ିବାକୁ ଅନୁମତି ଦେଲେ ହିଁ ବ୍ୟାଙ୍କଗୁଡ଼ିକ ଆମଦାନୀକୁ ମଞ୍ଜୁର ଦେବେ।

## ଅଭିଭା ସିକ୍ୟୋର ନେଷ୍ଟ ଆନ୍ୟୁଟି ପ୍ଲାନ୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୩୦।୪:** ଅଭିଭା ଇଣ୍ଡିଆ ପକ୍ଷରୁ ଏକ ରିଟାୟାରମେଣ୍ଟ ସଲ୍ୟୁଶନ ଅଭିଭା ସିକ୍ୟୋର ନେଷ୍ଟ ଆନ୍ୟୁଟି ପ୍ଲାନର ଶୁଭାରମ୍ଭ କରାଯାଇଛି। ଯାହା ଗ୍ରାହକଙ୍କୁ ଏକ ୱାନ-ଟାଇମ୍ ସିଙ୍ଗଲ ପ୍ରିମିୟମ ପେମେଂଟ ସହିତ ଜୀବନକାଳ ପାଇଁ ନିୟମିତ ଆୟ ହାସଲ କରିବାକୁ ଅନୁମତି ଦେଇଥାଏ। ଏହି ପ୍ଲାନ ୮୦ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରବେଶ ସୁବିଧା ପ୍ରଦାନ କରୁଛି। ଅଭିଭା ସିକ୍ୟୋର ନେଷ୍ଟ ଆନ୍ୟୁଟି ପ୍ଲାନ, ସିଙ୍ଗଲ ଲାଇଫ ଓ ଜଏଣ୍ଟ ଲାଇଫ କଭରେଜ, ସୁବିଧାଜନକ ପେମେଂଟ ଫ୍ରିକ୍ୱେନ୍ସି ସହ ଜୀବନବ୍ୟାପୀ ନିଶ୍ଚିତ ଆୟ ଭଳି ସୁବିଧା ପ୍ରଦାନ କରୁଛି। ଏଥି ସହିତ ବିବିଧ ଆବଶ୍ୟକତା ସହ ମେଳ ଖାଇବା ପାଇଁ ଏକାଧିକ ଆନ୍ୟୁଟି ବିକଳ୍ପ ଏବଂ ନୋମିନିଙ୍କ ପାଇଁ ଉତରାଧିକାରୀଙ୍କୁ ସୁରକ୍ଷିତ ରଖିବା ଲାଗି ଏକ କ୍ରୟ ମୂଲ୍ୟ ରିଟର୍ଣ୍ଣ ଫିଚର ପ୍ରଦାନ କରୁଛି। ଏହା ପେନସନ ଫଣ୍ଡ ରେଗୁଲେଟୋରୀ ଆଣ୍ଡ ଡେଭ୍‌ଲପମେଣ୍ଟ ଅଥୋରିଟି (ପିଏଫଆରଡିଏ) ନିୟାମକ ସହ ସମନ୍ୱିତ ରହିଛି, ଯାହା ଏହାକୁ ନ୍ୟାଶନାଲ ପେନ୍‌ସନ ସିଷ୍ଟମ (ଏନପିଏସ୍) ସବ୍‌ସ୍କ୍ରାଇବରଙ୍କ ପାଇଁ ଏକ ପ୍ରାସଙ୍ଗିକ ବିକଳ୍ପରେ ପରିଣତ କରୁଛି।



# ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ଉଦ୍‌ଘାଟନ ପରେ ତାଲା; ରାଜପଥ କଡ଼ରେ ଦିନମଜୁରିଆ





ଭୁବନେଶ୍ୱର, ୩୦।୪ (ସମିସ):

ଗୋଟେପଟେ ପେଟପାଟଣା ଚିନ୍ତା ରାତିର ନିଦ ହଜାଇ ଦେଉଛି। ସୂର୍ଯ୍ୟ ଉଦୟ ହେବା ପରେ କାମଟିଏ ମିଳିବ କି ନାହିଁ ତା ବି ପ୍ରତିଦିନର ପ୍ରଶ୍ନବାଚୀ। ସହରର ବଡ଼ବଡ଼ିଆମାନେ ସକାଳୁ ସକାଳୁ ହାତରେ ଚା କପ୍ ଧରିଥିବା ବେଳେ ସିମେଣ୍ଟ କଡ଼େଇ ଧରି ରୋଜଗାର ଆଶାରେ ଚାହିଁବସେ ଶ୍ରମିକଟିଏ। ଖରା ହେଉ ଅବା ବର୍ଷା ରାସ୍ତାକଡ଼ରେ ମାଲିକଙ୍କୁ ଅପେକ୍ଷା କରିଥାନ୍ତି ଶହଶହ ଶ୍ରମିକ। ହେଲେ ରାସ୍ତାକଡ଼ରେ ଛିଡ଼ା ହେବା ସେମାନଙ୍କ ପାଇଁ କେତେ ସୁରକ୍ଷିତ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାରଣ ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ନିର୍ମାଣ କରାଯାଇଥିବା ପ୍ରତୀକ୍ଷା କେନ୍ଦ୍ରରେ ଝୁଲୁଛି ତାଲା। ରାଜଧାନୀର ବଡ଼ଗଡ଼ ହାଟ ନିକଟ ଏବଂ ଏମସ୍ ସ୍ଥିତ ଡୁମୁଡୁମା ରାସ୍ତାକଡ଼ରେ ରହିଥିବା ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ଉଦଘାଟନ କରି ହାତ ଟେକିଦେଇଛନ୍ତି ସରକାର। କେଉଁଠି ବ୍ୟବସ୍ଥା ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ହୋଇଥିବା ବେଳେ ଅନ୍ୟଟିରେ ଏବେ ବି ତାଲା ଝୁଲୁଛି। ଶ୍ରମିକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନିର୍ମାଣ କରାଯାଇଥିବା ଏହି ପ୍ରତୀକ୍ଷା କେନ୍ଦ୍ର ବ୍ୟବହାର ହୋଇପାରୁ ନ ଥିବାରୁ ଶ୍ରମିକମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଶ୍ରମିକମାନଙ୍କ ସୁବିଧା ନିମନ୍ତେ ଭୁବନେଶ୍ୱରର ୨ଟି ସ୍ଥାନ ଯଥା ଡୁମୁଡୁମା ଓ କଳ୍ପନାରେ ନିର୍ମାଣ କରାଯାଇଛି ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର। ବିଡିଏ ପକ୍ଷରୁ ନିର୍ମାଣ କରାଯାଇଥିବା ଏହି ପ୍ରତୀକ୍ଷା କେନ୍ଦ୍ର ବିଏମସିକୁ ହସ୍ତାନ୍ତରିତ କରାଯାଇଛି। ଏହି ଦୁଇଟି କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୫ ମସିହା ଶ୍ରମିକ ଦିବସରେ ଉଦ୍‌ଘାଟନ କରିଥିଲେ। ଶ୍ରମଜୀବୀମାନଙ୍କ ଗାରିମା ବୃଦ୍ଧିରେ ସହାୟକ ହେବା ଉଦ୍ଦେଶ୍ୟରେ ନିର୍ମିତ ଡୁମଡୁମାସ୍ଥିତ ଏହି କେନ୍ଦ୍ରକୁ ଉଦ୍‌ଘାଟନ

## ଉଦ୍‌ଘାଟନ କରି ହାତ ଟେକିଦେଲେ ସରକାର

କରାଯିବାର ପ୍ରାୟ ୧ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ତାହା ଶ୍ରମିକଙ୍କ କାମରେ ଲାଗିପାରିଲା ନାହିଁ। କାରଣ ଉଦ୍‌ଘାଟନ ଦିନରୁ ଏଠାରେ ତାଲା ଝୁଲୁଛି। ପୂର୍ବଭଳି ସକାଳୁ ସକାଳୁ ରାସ୍ତାରେ ଭିଡ଼ ଜମୁଛି। ତେବେ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ରରେ ଶ୍ରମଜୀବୀମାନଙ୍କ ପାଇଁ ସାମୟିକ ଆଶ୍ରୟସ୍ଥଳୀ ସୁବିଧା ରହିଛି। ଯେଉଁଠି ଉଭୟ ମହିଳା ଓ ପୁରୁଷ ପ୍ରାୟ ୪ଶହରୁ ଊର୍ଦ୍ଧ୍ୱ ଶ୍ରମଜୀବୀମାନେ ଆଶ୍ରୟ ନେଇପାରିବେ। କେନ୍ଦ୍ର ପରିସରରେ ଏକ ଦୋକାନ ଘର ରହିଛି, ଯେଉଁଠାରେ ଚା, ପାନ, ଜଳଖିଆ ଆଦି ଆବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଉପଲବ୍ଧ ସମେତ ପାନୀୟ ଜଳ, ଶୌଚାଳୟ ଏବଂ ପାର୍କର ମଧ୍ୟ ସୁବିଧା ରହିଛି। ହେଲେ ଏଯାଏ ତାହା କାର୍ଯ୍ୟକାରୀ ହେଉ ନ ଥିବାରୁ ସ୍ଥାୟୀ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି କଳ୍ପନା ସ୍ଥିତ ବଡ଼ଗଡ଼ରେ ନିର୍ମିତ ଏହି କେନ୍ଦ୍ର ଯଦିଓ କାର୍ଯ୍ୟକାରୀ ହୋଇଛି କିନ୍ତୁ ଏହାକୁ ବ୍ୟବସ୍ଥିତ କରାଯାଉ ନାହିଁ। ଅନେକ ସମୟରେ ଏଠାରେ ନିର୍ମିତ ଶେଡ୍ ତଳେ ଶ୍ରମିକମାନେ ନରହି ରାସ୍ତା ଉପରେ ଭିଡ଼ ଜମାଉଛନ୍ତି। ସେହିପରି ନିଶା ସେବନ କରି ଏଠାରେ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି କରୁଛନ୍ତି। ତେଣୁ ଏଠାରେ ବିଏମସି ହେଉ ଅବା ଶ୍ରମ ବିଭାଗ ପକ୍ଷରୁ ନିୟମାବଳୀ ପ୍ରସ୍ତୁତ କରାଯିବା ଆବଶ୍ୟବ ବୋଲି ସ୍ଥାନୀୟ କର୍ପୋରେଟର ଅମରେଶ ଜେନା କହିଛନ୍ତି। ସେହିପରି ଡୁମଡୁମା ସ୍ଥିତ ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର ରହିଥିବା ଶୌଚାଳୟର ସଫାସୁତୁରା ଓ ପରିଚାଳନା ଠିକ୍ ଭାବେ କରାଯିବାକୁ ଜଣେ କର୍ମଚାରୀଙ୍କୁ ନିଯୁକ୍ତି ସହ ପରିସର ମଧ୍ୟରେ ରହିଥିବା ପାର୍କର ଦାୟିତ୍ୱ ଏବଂ କେନ୍ଦ୍ର ସୁରକ୍ଷା ନିମନ୍ତେ ସୁରକ୍ଷାକର୍ମୀଙ୍କୁ ନିଯୁକ୍ତି କରାଯିବା ପରେ ଏହାକ କାର୍ଯ୍ୟକ୍ଷମ ହେବ ବୋଲି ଉକ୍ତ ୱାର୍ଡର କର୍ପୋରେଟର ଶଶ୍ମିରଞ୍ଜନ ପାଟଶାଣୀ କହିଥିଲେ। ଯାହାକି ଏଯାଏ ହୋଇପାରି ନାହିଁ। ତେଣୁ ଯଥାଶିଘ୍ର ବିଏମସି ଏହି ଧୁଇଟି ଯାକ ପ୍ରତୀକ୍ଷା କେନ୍ଦ୍ରର ପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଶ୍ରମିକମାନେ ନିବେଦନ କରିଛନ୍ତି।

## କୋଡ଼ି, ଝୁଡ଼ି, କୋଦାଳରେ ଚଳେ ପରିବାର

## ମୂଲ ଲାଗିଲେ ଚୁଲି ଜଳେ



ଆଜି ଶ୍ରମିକ ଦିବସ

ଭୁବନେଶ୍ୱର, ୩୦।୪ (ସମିସ): ରାତି ପାହିଲା ମାତ୍ରେ ରାଜଧାନୀର ବିଭିନ୍ନ ଶ୍ରମିକ ହାଟରେ ଶହଶହ ଶ୍ରମିକଙ୍କ ଭିଡ଼ ଦେଖିବାକୁ ମିଳେ। କାମ ପାଇଁ ଚାଲେ ଶ୍ରମିକଙ୍କ ମୂଲଚାଲ। ସକାଳ ହେବାମାତ୍ରେ କୋଡ଼ି, କୋଦାଳ, ଶାବଳ, ଫାଉଡ଼ା, ଝୁଡ଼ି ଧରି ଏମାନେ ବାହାରି ପଡ଼ନ୍ତି କାମ ଖୋଜିବା ପାଇଁ। ମାଲିକଙ୍କ ଅପେକ୍ଷାରେ ବସି ରହନ୍ତି ସେହି ଶ୍ରମିକ ହାଟରେ। ସେମାନଙ୍କ ଭିତରୁ ଜଣେ ହେଲେ ରାଜୁ। ଝୁଡ଼ି, କୋଡ଼ି, କୋଦାଳ ଉପରେ ନିର୍ଭର କରି ତାଙ୍କ ପରିବାର ଚଳେ।

ପୁରୁଣା ଭୁବନେଶ୍ୱରରଠୁ ଆରମ୍ଭକରି କଳ୍ପନା ଛକ, ଚନ୍ଦ୍ରଶେଖରପୁର, ଶିରିପୁର, ନୂଆପଲ୍ଲୀ ଆଦି ବିଭିନ୍ନ ଛକରେ ପ୍ରତିଦିନ ଦିନ ଏହିପରି ମଜୁରିଆଙ୍କ ଭିଡ଼ ଜମିଥାଏ। ମଜୁରି ପଇସା ତୁଟିଗଲେ ଦିନକ ପାଇଁ ବିକ୍ରି ହୋଇଯାଆନ୍ତି ଏହି ଖଟିଖିଆ ଦିନ ମଜୁରିଆମାନେ। ଯାହା ଭାଗ୍ୟରେ କାମ ଜୁଟିଗଲା ସେ ଖୁସିରେ ଝୁଡ଼ି, କୋଡ଼ି, କୋଦାଳ, ଶାବଳ ଧରି କାମକୁ ବାହାରି ପଡ଼ନ୍ତି। ଆଉ ଯିଏ କାମ ନ ପାଇଲେ ସକାଳୁ ସଞ୍ଜ ଯାଏଁ ସେଇଠି ହିଁ ବସି ରହନ୍ତି କାମ ଅପେକ୍ଷାରେ। ଏହି ଶ୍ରମିକଙ୍କ ମଧ୍ୟରେ ଜଣେ ହେଉଛନ୍ତି ରାଜୁ ବେହେରା। ଦୀର୍ଘ ୪୨ ବର୍ଷ ହେଲାଣି ସେ ଗଞ୍ଜାମରୁ ଆସି ତାଙ୍କ ପରିବାର ସହ ନୂଆପଲ୍ଲୀରେ ଅନ୍ୟ ଶ୍ରମିକମାନଙ୍କ ସହ ମିଶି ବସବାସ କରୁଛନ୍ତି। ଅନ୍ୟ ଶ୍ରମିକଙ୍କ ପରି ରାତି ପାହିଲେ ସେ ମଧ୍ୟ ଘରୁ କୋଡି, କୋଦାଳ ଧରି କ୍ରାଉନ ହୋଟେଲ ନିକଟକୁ ବାହାରିଯାନ୍ତି। ଦିନ ତମାମ ଚାହିଁ ବସନ୍ତି କାମ ଅପେକ୍ଷାରେ। ଦିନକୁ ପ୍ରାୟତଃ ୬ ରୁ ୮ ଘଣ୍ଟା ତାଙ୍କୁ କାମ କରିବାକୁ ପଡେ। କାମ ଅନୁଯାୟୀ ସେଥିରେ ୫ଶହରୁ ହଜାରେ ଭିତରେ ପାରିଶ୍ରମିକ ମିଳେ। ହେଲେ ଏହା ସେମାନଙ୍କ କୌଣସି ନିର୍ଦ୍ଦିଷ୍ଟ ମଜୁରୀ ନୁହଁ। କେତେବେଳେ କାମ ମିଳିଲେ ଖୁସିରେ ଘରକୁ ଫେରନ୍ତି ତ କେବେ କାମ ଅପେକ୍ଷାରେ ସକାଳୁ ସଞ୍ଜ ପାହିଯାଏ। ବିନା କାମରେ ସେଦିନ ଘରେ ଚୁଲି ଜଳିବା ସମ୍ଭବ ହୋଇ ପାରେନି ବୋଲି ରାଜୁ କୁହନ୍ତି। କାରଣ ସେମାନଙ୍କୁ ଏଠାରେ ଘର ଭଡା ମାସକୁ ସାଢେ ୩ ହଜାର ଦେବାକୁ ପଡିଥାଏ। ତାଙ୍କ ଅନୁଭୂତିରୁ ସେ କୁହନ୍ତି ଯେତେ ବଡ ସହର ସେତେ ଅଧିକା ଖର୍ଚ୍ଚ। ଘରେ ସାନ ଝିଅର ପାଠପଢାରେ ଅଧାରୁ ଅଧିକ ଖର୍ଚ୍ଚ ହୋଇଯାଏ। କାରଣ ତାଙ୍କର ସ୍ୱପ୍ନ ଝିଅ ଭଲ ସରକାରୀ ଚାକିରୀ କରିବ। ଅନେକ ସମୟରେ ରାଜୁଙ୍କ ସହ ଘର ଖର୍ଚ୍ଚରେ ସାହାଯ୍ୟ କରିବାକୁ ତାଙ୍କ ପତ୍ନୀ ସନ୍ଧ୍ୟା ତାଙ୍କ ସହ ଯାଇଥାନ୍ତି। କାରଣ ଗୋଟେ ଦିନ କାମ ନମିଳିଲେ ସେଦିନ ଘରେ ଚୁଲି ଜଳିବା କଷ୍ଟକର ହୋଇପଡ଼େ। ତଥାବି ଏତେ ବର୍ଷ ଧରି ତାଙ୍କ ପରିବାର ସେହି ସ୍ୱଳ୍ପ ଆୟରେ ମଧ୍ୟ ଯେତିକି ଆସେ ଘର ଚଳେଇ ହସଖୁସିରେ ରୁହନ୍ତି ବୋଲି ରାଜୁ କହିଛନ୍ତି।

# ଗାନ୍ଧୀ ମାର୍ଗରେ ଗର୍ଜିଲା ମହିଳା କଂଗ୍ରେସ

## ବ୍ୟାରିକେଡ୍ ଭାଙ୍ଗି ପୁଲିସ ସହ ଧସ୍ତାଧସ୍ତି



ଭୁବନେଶ୍ୱର,୩୦।୪(ସମିସ): ମହିଳା ସଂରକ୍ଷଣ ବିଲ୍‌କୁ ନେଇ ଗୋଟିଏ ପଟେ ରାଜ୍ୟ ସରକାର ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକିଥିବା ବେଳେ ଅନ୍ୟପଟେ ରାଜ୍ୟ ମହିଳା କଂଗ୍ରେସ ପକ୍ଷରୁ ଗୁରୁବାର ବିଧାନସଭା ଘେରଉ କରାଯାଇଥିଲା। ଶୋଭାଯାତ୍ରା ବେଳେ ଆନ୍ଦୋଳନକାରୀ ଓ ପୁଲିସ ମଧ୍ୟରେ ପ୍ରଥମେ ମୁହାଁମୁହିଁ ପରିସ୍ଥିତି ଉପୁଜି ପରେ ଧସ୍ତାଧସ୍ତି ହୋଇଥିଲା। ଏଥିରେ କିଛି ନାରୀନେତ୍ରୀ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି।

ଅପରାହ୍ଣ ୪ଟା ସମୟରେ ଶହ ଶହ ସଂଖ୍ୟାରେ ମହିଳା କଂଗ୍ରେସ କର୍ମୀ ଶୋଭାଯାତ୍ରା ଆରମ୍ଭ କରିଥିଲେ। କଂଗ୍ରେସ ସଭାପତି ଭକ୍ତ ଦାସ, ମହିଳା କଂଗ୍ରେସ ରାଜ୍ୟ ସଭାପତି ମୀନାକ୍ଷୀ ବାହିନୀପତି ଏବଂ ସର୍ବଭାରତୀୟ ସମ୍ପାଦିକା ତଥା ରାଜ୍ୟ ପ୍ରଭାରୀ ତୁଳିକା କର୍ମା ଏହି ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ସନ୍ଧ୍ୟାରେ ମହିଳା କଂଗ୍ରେସର ନେତ୍ରୀମାନେ ୩୩ ପ୍ରତିଶତ ମହିଳା ସଂରକ୍ଷଣକୁ ତୁରନ୍ତ ଲାଗୁ କରିବାକୁ ଶେଭାଯାତ୍ରାରେ ଆସି ଡବଲ ଇଞ୍ଜିନ ସରକାରଙ୍କୁ ମହିଳା ବିରୋଧୀ ବୋଲି ସ୍ଲୋଗାନ୍ ଦେଇଥିଲେ। ଦୁଇଟି ବ୍ୟାରିକେଡ୍ ଭାଙ୍ଗିବା ପରେ ତୃତୀୟ ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କଲାବେଳେ ପୁଲିସ କଂଗ୍ରେସ କର୍ମୀଙ୍କୁ ଗିରଫ କରିଥିଲା। ଘଟଣାସ୍ଥଳରେ ପୁଲିସ ଏବଂ କଂଗ୍ରେସ ନେତ୍ରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ପୁଲିସ ୨୦ରୁ ଊର୍ଦ୍ଧ୍ୱ ନେତ୍ରୀଙ୍କୁ ଜୋରଜବରଦସ୍ତ ଉଠାଇ ନେଇଥିଲା। ସରକାର ପୁଲିସ ଲଗାଇ ମହିଳାଙ୍କ ସ୍ୱରକୁ ଦବାଇବାକୁ ଚେଷ୍ଟା କରୁଛନ୍ତି ବୋଲି ନାରୀ ନେତ୍ରୀମାନେ ଅଭିଯୋଗ କରିଛନ୍ତି।

ବିଧାନସଭା ଘେରଉକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ମୋଟ୍ ୩୨ ପ୍ଲାଟୁନ୍ ଫୋର୍ସ ଏବଂ ଶହେରୁ ଊର୍ଦ୍ଧ୍ୱ ଅଧିକାରୀଙ୍କୁ ଗାନ୍ଧୀମାର୍ଗରେ ମୁତୟନ କରାଯାଇଥିଲା। ମହିଳା ଶୋଭାଯାତ୍ରାକୁ ଦୃଷ୍ଟିରେ ରଖି ବ୍ୟାପକ ପରିମାଣରେ ମହିଳା ପୁଲିସ, ହର୍ ଟିମ୍ ଏବଂ ମହିଳା ପୁଲିସ ଅଧିକାରୀଙ୍କୁ ଘଟଣାସ୍ଥଳରେ ମୁତୟନ କରାଯାଇଥିଲା। ବହୁ ସଂଖ୍ୟକ କ୍ୟାମେରା ମାଧ୍ୟମରେ ବରିଷ୍ଠ ପୁଲିସ ଅଧିକାରୀମାନେ କଣ୍ଟ୍ରୋଲ ରୁମ୍‌ରେ ବସି ପରସ୍ଥିତି ନିରୀକ୍ଷଣ କରୁଥିଲେ।

# ପୁଣ୍ୟ ଉତ୍କଳର ତ୍ରୟୋଦଶ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୩୦।୪(ସମିସ): ଗୁରୁ କେଳୁ କଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ବୁଧବାର ପୁଣ୍ୟ ଉତ୍କଳ ଅନୁଷ୍ଠାନର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ଭିକାରୀ ଚରଣ ମହାପାତ୍ର, ପ୍ରାକ୍ତନ ପ୍ରଶାସକ ଅରୁଣ କୁମାର ରଥ, ସ୍ଥପତି ସୁଦର୍ଶନ ସାହୁ, ମୁମ୍ବାଇ ଓଡ଼ିଆ ସମାଜ ସଭାପତି ବିପିନ ବିହାରୀ ମିଶ୍ର, ଭାରତ ଶରୀର ଓ ଅଙ୍ଗଦାନ ସମିତି ଅଧ୍ୟକ୍ଷ ପ୍ରଭାସ ଆଚାର୍ଯ୍ୟ ଓ ସାହିତ୍ୟିକ ପ୍ରଫେସର ଦାଶ ବେନହୁର ଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ ଦାୟିତ୍ୱବୋଧ ଓ ସଂସ୍କୃତିକ ବିପ୍ଳବରେ ଅନୁଷ୍ଠାନର ବିଭିନ୍ନ ଦାୟିତ୍ୱ ଓ ଭୂମିକା ସମ୍ପର୍କରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ମନୋରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନୁଷ୍ଠାନ ସାଧାରଣ ସମ୍ପାଦକ ସୁଶୀଲ କୁମାର ସିଂ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ରାଜ୍ୟର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ।

# ସୋଆ ଆଇନ ମହାବିଦ୍ୟାଳୟରେ 'ଜଷ୍ଟିସିଆ ୪.୦'

ଭୁବନେଶ୍ୱର,୩୦।୪(ସମିସ): ସମାଜରେ ନିଜକୁ ପ୍ରତଷ୍ଠିତ କରିବା ପାଇଁ ଛାତ୍ରଛାତ୍ରୀମାନେ ନିଜ ଚରିତ୍ର ଗଠନ ସହ ଦକ୍ଷତାକୁ ବିକଶିତ କରିବା ଉଚିତ୍ ବୋଲି ଗୁରୁବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ କହିଛନ୍ତି। ସୋଆ ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍)ର ବାର୍ଷିକ ସାଂସ୍କୃତିକ ଉତ୍ସବ 'ଜଷ୍ଟିସିଆ ୪.୦'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ନିଜକୁ ବିକଶିତ କରିବା ଦ୍ୱାରା ଜୀବନରେ ଉପୁଜୁଥିବା ସମସ୍ୟାକୁ ସମାହିତ କରିବାକୁ ପାରିବେ ବୋଲି କହିଛନ୍ତି। ଏସ୍‌ଏନ୍‌ଆଇଏଲ୍‌ର ସିନିୟର ପ୍ରଫେସର ମଧୁସୂଦନ ଦାସ କହିଥିଲେ ଯେ ସାଂସ୍କୃତିକ କାର୍ଯ୍ୟକ୍ରମ କେବଳ ପୁରସ୍କାର ପାଇଁ ନୁହେଁ ବରଂ ନିଜକୁ ଅଧିକ ଉନ୍ନତ କରିବା ନିମନ୍ତେ ଉଦ୍ଦିଷ୍ଟ। କାର୍ଯ୍ୟକ୍ରମ ଶେଷରେ ଏସ୍‌ଏନଆଇଏଲ୍‌ର ଆସିଷ୍ଟାଣ୍ଟ ପ୍ରଫେସର ଆକାଶ ତ୍ରୀଖା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।



# 'ଆର୍ଟିଷ୍ଟ ମିଟ୍'ରେ ମଣିପୁର ଚିତ୍ରଶିଳ୍ପୀ

## ଚିତ୍ରରେ ଚିତ୍ରରେ ମଣିଷର ବ୍ୟଥା ଓ ବେଦନା




ଭୁବନେଶ୍ୱର,୩୦।୪(ସମିସ): ଶାନ୍ତିସ୍ତୂପ ନିକଟସ୍ଥ ଧଉଳି ଚାରୁକଳା ମହାବିଦ୍ୟାଳୟରେ "ଆର୍ଟିଷ୍ଟ ମିଟ୍" କାର୍ଯ୍ୟକ୍ରମରେ ମଣିପୁର ଶିଳ୍ପୀ ଲିଏସନ୍‌ଥେମ ଈଶ୍ୱରଙ୍କ ସହିତ କଳା ଚର୍ଚ୍ଚା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ଲଳିତ କଳା ଏକାଡେମୀ କ୍ଷେତ୍ରୀୟ ସଚିବ ରାମକୃଷ୍ଣ ବେଦାଲା ଅତିଥି ଶିଳ୍ପୀଙ୍କ ସମ୍ପର୍କରେ ଅବଗତ କରିବା ସହିତ ମଣିପୁର କଳା ଓ ସଂସ୍କୃତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା ଯୋଗ ଦେବାସହ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚିତ୍ରଶିଳ୍ପୀ ଡ. ପଞ୍ଚାନନ୍ ସାମଲ ଅତିଥିଙ୍କୁ ସ୍ୱାଗତ କରିଥିଲେ। ପରେ ପରେ ଶିଳ୍ପୀ ଈଶ୍ୱର ନିଜ କଳା ଯାତ୍ରା ସମ୍ପର୍କରେ କହିବା ସହିତ ନିଜ କଳାକୃତି ଗୁଡ଼ିକ ପିପିଟି ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ତାଙ୍କ ଚିତ୍ରରେ ମଣିପୁରର ସାଂପ୍ରତିକ ଘଟଣା ଗୁଡ଼ିକ ମଣିଷର ଆବେଗ ପୂର୍ଣ୍ଣ ଭାବ ଭଙ୍ଗୀରେ ପ୍ରଦର୍ଶିତ ହୋଇଥିଲା ଯେଉଁଥିରେ ବ୍ୟଥା ଓ ବେଦନା ଅନୁଭା ହେଉଥିଲା। ଏହି ଅବସରରେ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଅନସୁୟା ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ଅଧ୍ୟାପକ ରାମଶଙ୍କର ସାହୁ, ଭୂପତିଭୂଷଣ ପଣ୍ଡା, ସୋଫିଆ ୟସ୍ମିନ, ରାଜେନ୍ଦ୍ର ବର୍ମା ପ୍ରମୁଖ ଶିଳ୍ପୀଙ୍କ ସହିତ ଆଲୋଚନା କରିଥିଲେ।

## ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ଆଲୋଚନାଚକ୍ର

# ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଅପରିହାର୍ଯ୍ୟ




ଭୁବନେଶ୍ୱର,୩୦।୪(ସମିସ):

ଶ୍ରୀମନ୍ଦିରରେ ଦିନକୁ ଦିନ ଯାତ୍ରୀ ସଂଖ୍ୟା ବଢ଼ି ଚାଲିବା ଦ୍ୱାରା ଶୃଙ୍ଖଳିତ ଦର୍ଶନ ଏକ ବଡ଼ ସମସ୍ୟା ରୂପେ ମୁଣ୍ଡ ଟେକିଛି ବୋଲି 'ମୁକ୍ତ ଚିନ୍ତନ ମଞ୍ଚ' ଓ 'ଭାରତୀୟ ବିଦ୍ୟାଭବନ' ଆନୁକୂଲ୍ୟରେ ୨୧୫ତମ ଆଲୋଚନାଚକ୍ରରେ ବକ୍ତାଗଣ ମତପ୍ରକାଶ କରିଛନ୍ତି। 'ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରରେ ସଂସ୍କାର' ଶୀର୍ଷକ ଆଲୋଚନାରେ ଅଧ୍ୟକ୍ଷ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ସଭାରେ ଉଦ୍‌ଘାଟକ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇ କହିଲେ, ଶ୍ରୀଜଗନ୍ନାଥ ବିଶ୍ୱର ଠାକୁର ଓ ତାଙ୍କ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ ନେଲେ ଓଡ଼ିଶା ବିଶ୍ୱସ୍ତରରେ ଉଚ୍ଚ ଆସନରେ ରହିବ। ସେଥିପାଇଁ ପ୍ରଶାସନଠାରୁ ଆରମ୍ଭ କରି ସେବାୟତ ଏବଂ ରାଜନୈତିକ ଇଚ୍ଛାଶକ୍ତି ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ମୁଖ୍ୟ ପ୍ରଶାସକ ରଂଜନ କୁମାର ଦାସ ଯୋଗଦେଇ କହିଲେ ଯେ, ଶ୍ରୀମନ୍ଦିର ଭଳି ଏତେ ବିରାଟ ଧାର୍ମିକ ଅନୁଷ୍ଠାନ ପାଇଁ ଜଣେ ପୂର୍ଣ୍ଣ ସମୟ ଦେବାଭଳି ମୁଖ୍ୟ ପ୍ରଶାସକ ଆବଶ୍ୟକ ମାତ୍ର ସରକାର ଏ ପର୍ଯ୍ୟନ୍ତ ଗୋଟିଏ ଥର ଦେଢ଼ବର୍ଷ ପାଇଁ ଜଣେ ପୂର୍ଣ୍ଣ ସମୟ ମୁଖ୍ୟ ପ୍ରଶାସକ ଭାବେ ଅବସ୍ଥାପିତ କରିଥିଲେ। ତାହା ବନ୍ଦ କରିବା ଫଳରେ ଶ୍ରୀମନ୍ଦିରର ବହୁ ସମସ୍ୟାର ସମାଧାନ ହୋଇପାରୁନାହିଁ। ଶ୍ରୀମନ୍ଦିରରେ ସଂସ୍କାର ଆଣିବା ପାଇଁ ବହୁ ସମୟରେ ଲୋକଙ୍କ ଚାପରେ ସରକାର ବିଭିନ୍ନ କମିଶନ ବସାଇଛନ୍ତି ମାତ୍ର ସେ କମିଶନର ରିପୋର୍ଟ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇପାରୁନାହିଁ। ଶ୍ରମନ୍ଦିରରେ ଶୃଙ୍ଖଳିତ ଦର୍ଶନ, ସମୟ ଅନୁସାରେ ନୀତି ନିର୍ଘଣ୍ଟ, ଶ୍ରୀମନ୍ଦିରରେ ବହୁ ବିଲୁପ୍ତ ହୋଇଥିବା ସେବାର ପୁନଃବିଚାର କରି ଆବଶ୍ୟକ ପରିବର୍ତ୍ତନ ବିଷୟରେ ମୁଖ୍ୟ ଅତିଥି ଆଲୋକପାତ କରି ଶ୍ରୀକ୍ଷେତ୍ରରେ ମଧ୍ୟ ବିଭିନ୍ନ ତୀର୍ଥକ୍ଷେତ୍ରର ରକ୍ଷଣାବେକ୍ଷଣ କରିବା ପାଇଁ ଉପଦେଶ ଦେଇଥିଲେ।

## ପ୍ରଫେସର ହରେକୃଷ୍ଣ ଶତପଥୀଙ୍କୁ ଶ୍ରୀଜଗନ୍ନାଥ ସମ୍ମାନ

ମୁଖ୍ୟବକ୍ତା ଭାବେ ପ୍ରଫେସର ହରେକୃଷ୍ଣ ଶତପଥୀଙ୍କୁ ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ତରଫରୁ ଶ୍ରୀଜଗନ୍ନାଥ ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀ ଶତପଥୀ ଶ୍ରୀଜଗନ୍ନାଥ ସଂସ୍କୃତିର ବ୍ୟାଖ୍ୟା କରି କହିଲେ ଯେ ସେ ବିଶ୍ୱର ବହୁ ରାଷ୍ଟ୍ର କାର୍ଯ୍ୟକ୍ରମରେ ଯାଇଛନ୍ତି ଯେଉଁଠାରେ ସେ ଶ୍ରୀଜଗନ୍ନାଥ ସଂସ୍କୃତିର ମହାନତା ଉପରେ ଆଲୋକପାତ କରିଛନ୍ତି। ଶ୍ରୀଜଗନ୍ନାଥଙ୍କୁ ନେଇ ଲାଇଟ୍ ଆଣ୍ଡ ସାଉଣ୍ଡ ସୋ'ର ବନ୍ଦୋବସ୍ତ କଲେ ବହୁ ପର୍ଯ୍ୟଟକ ଉପକୃତ ହୁଅନ୍ତେ ବୋଲି କହିଥିଲେ। ସଭାପତି ଡ. ଅଶୋକ କୁମାର ମହାପାତ୍ର ତାଙ୍କ ଭାଷଣରେ ପୁରୀର ସର୍ବାଙ୍ଗୀନ ଉନ୍ନତି ତଥା ତାହାର ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି ଉପରେ ବିଶେଷ ଦୃଷ୍ଟି ରଖିବାକୁ ପ୍ରସ୍ତାବ ଦେଇଥିଲେ। ସଭାରେ ବହୁ ପ୍ରସ୍ତାବ ମିଳିଥିବାରୁ ତାହା ଏକାଠି କରି ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ଜଣାଇବାକୁ ଘୋଷଣା କରିଥିଲେ। ସଭାରେ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ ସମ୍ପାଦକ ପୀତବାସ ରାଉତରାୟ ଓ ଧନ୍ୟବାଦ ଅର୍ପଣ କରିଥିଲେ ଆବାହକ ରମାକାନ୍ତ ମିଶ୍ର। ପ୍ରାରମ୍ଭରୁ ଶ୍ରୀମତୀ ମଧୁସ୍ମିତା ବିଶ୍ୱାଳ ଓ ଛନ୍ଦା ମିଶ୍ର ଭକ୍ତି ସଂଗୀତ ପରିବେଷଣ କରିଥିଲେ। ଶ୍ରୀମତୀ ତନ୍ଦ୍ରାଳସା ଦାସ ଜଗନ୍ନାଥ ସମ୍ମାନର ମାନପତ୍ର ପାଠ କରିଥିଲେ। ସଭାରେ ଶକୁନ୍ତଳା ବଳିୟାରସିଂହ, ବାବାଜୀ ବିଶ୍ୱାଳ ସୁନାରାମ ସିଂହ, ମଞ୍ଜୁଳା ତ୍ରିପାଠୀ ଓ ନିଶାକର ରାଉତ ଭାଗ ନେଇ ନୂତନ ପ୍ରସ୍ତାବ ଦେଇଥିଲେ।

